# ବନ୍ଧପଡ଼ା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ଦେଓଗାଁ,୧୪।୩(ସମିସ): ବନ୍ଧପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷକ ଉପେନ୍ଦ୍ର ମେହେରଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ଭୋଇ, ସିଆରସିସି ପ୍ରଦୀପ ଜେନା, ଶିକ୍ଷକ ଭୀମସେନ ଦଣ୍ଡସେନା, ରାଜୁ ମଲ୍ଲିକ, ସୁଦାମ ଭୋଇ, ବିଷ୍ଣୁପ୍ରିୟା ନାଏକ, ଅଳକା ସାହୁ, ପରିଚାଳନା କମିଟି ସଦସ୍ୟା ଇନ୍ଦୁମତି କୁମ୍ଭାର, ଶିବାନୀ ପୋଡ଼, ସଦସ୍ୟ ବଳଦେବ ଚନ୍ଦନ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅଶୋକ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# କୁତୁର୍ଲା କଲେଜରେ ଶୋକସଭା

ଦେଓଗାଁ,୧୪।୩(ସମିସ): କୁତୁର୍ଲା ଧ୍ରୁବ ଆନନ୍ଦ କଲେଜର ଚତୁର୍ଥ ଶ୍ରେଣୀ କର୍ମଚାରୀ ପରମେଶ୍ୱର ସାହୁଙ୍କୁ ବିୟୋଗରେ କଲେଜ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରମୋଦ ବଡପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ସରକାର ବଦଳିବା ପରେ ବଦଳିଯାଇଛି ଆଭିମୁଖ୍ୟ

# ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପ୍ରକଳ୍ପକୁ ଅଣଦେଖା

ବଲାଙ୍ଗିର,୧୪।୩(ସମିସ)

ରାଜ୍ୟରେ ବଡ ବଡ ଧାର୍ମିକ ପୀଠ ସହ ବିଭିନ୍ନ ଜିଲ୍ଲାରେ ଥିବା ଛୋଟ ଛୋଟ ପର୍ଯ୍ୟଟନସ୍ଥଳ ଭିତ୍ତିଭୂମି ବିକାଶ କରିବା ପାଇଁ ବିଜେଡି ସରକାର ସମୟରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏହି ସବୁ ପର୍ଯ୍ୟଟସ୍ଥଳର ଆନୁସାଙ୍ଗିକ ବିକାଶ ପାଇଁ ବହୁ ଅର୍ଥ ପ୍ରଦାନ କରାଯାଇଥିଲା; କିନ୍ତୁ ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ ହେବା ପରେ ଡବଲ ଇଞ୍ଜିନ ସରକାରରେ ଏହି ସବୁ ପ୍ରକଳ୍ପ ଏବେ ଅବହେଳିତ ହୋଇପଡିରହିଥିବା ଅଭିଯୋଗ ହୋଇଛି। ଏହିକ୍ରମରେ ବଲାଙ୍ଗିର ଜିଲ୍ଲାରେ ଥିବା କୁମୁଡା ପାହାଡ, ଭୀମଡୁଙ୍ଗୁରୀ, ପୁଞ୍ଜିପଥର ମନ୍ଦିର, ଜର୍ଜ ଲାଇବ୍ରେରୀ, ଚାନ୍ଦଲିପାହାଡ, ଗାଇଖାଇ, ରହେନଚୁଆ ମୁଣ୍ଡ ଓ ବ୍ରାହ୍ମାନୋ ପାହାଡ, ଗଞ୍ଜାଧାର ଡ୍ୟାମ, ପାଟଣାଗଡ ପାଟଣେଶ୍ୱରୀ ମନ୍ଦିର ଭଳି ପର୍ଯ୍ୟଟନସ୍ଥଳ ଗୁଡିକର ଭିତ୍ତିଭୂମି ବିକାଶ ପାଇଁ ଅନୁଦାନ ପ୍ରଦାନ କରାଯାଇଥିଲା; କିନ୍ତୁ ଏହି ସବୁ କାମ କେତେବାଟ ଗଲା, କେବେ ସରିବ, ଅର୍ଥ କିଭଳି ଭାବେ ଖର୍ଚ୍ଚ ହେଉଛି ସେଥିପ୍ରତି ଧ୍ୟାନ ଦିଆଯାଉନି। ଏଣୁ ଅନେକ ପ୍ରକଳ୍ପ ଅଧାରେ ପଡି ରହଛି।

ବିଜେଡି ସରକାର ସମୟରେ ବଲାଙ୍ଗିର ଜିଲ୍ଲାର ମନ୍ଦିର ଓ ପର୍ଯ୍ୟଟନସ୍ଥଳ ଗୁଡିକର ସାମଗ୍ରୀକ ବିକାଶ ପାଇଁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଜିଲ୍ଲାରେ ଥିବା ବଡ ବଡ ମନ୍ଦିର ସହ ଛୋଟ ଛୋଟ ପର୍ଯ୍ୟଟନସ୍ଥଳକୁ ମଧ୍ୟ ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପ୍ରକଳ୍ପରେ ସାମିଲ କରି ବିଭିନ୍ନ ଉନ୍ନତିମୂଳକ କାମ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା। ଏହା ଏବେ ଦିଗହରା ହୋଇଥିବା ଅଭିଯୋଗ ହୋଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଟିଟିଲାଗଡ କୁମୁଡା ପାହାଡରେ ବିଭିନ୍ନ କାମ ପାଇଁ ୪୦ଲକ୍ଷ ଟଙ୍କା ଦିଆଯାଇଥଲା। ଏହି କାମ ସଂପୂର୍ଣ୍ଣ ହୋଇ ନ ଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ୨୦୨୧-୨୨ରେ ବଲାଙ୍ଗିର ଜର୍ଜ ଲାଇବ୍ରେରୀର ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୨ କୋଟି ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥଲା। ଏହା ମଧ୍ୟ ସଂପୂର୍ଣ୍ଣ ହୋଇ ନ ଥିବା ଜଣାପଡିଛି।

- ବର୍ଷ ବର୍ଷ ଧରି ଅନେକ ପ୍ରକଳ୍ପର କାମ ସରୁନି
- ଏକାଧିକ ପ୍ରକଳ୍ପର ଡିପିଆର ପ୍ରସ୍ତୁତ ହୋଇନି

ଏହି କାମ ଇନଟାକ ଭୁବନେଶ୍ୱର ପକ୍ଷରୁ କରାଯାଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ବଙ୍ଗୋମୁଣ୍ଡା ବ୍ଲକ ଦେହେଲି ଗାଁରେ ଥିବା କାଣ୍ଡଲିପାହାଡର ଉନ୍ନତିକରଣ ପାଇଁ ୧ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ତାହାର ଆଜିଯାଏଁ ଡିପିଆର ପ୍ରସ୍ତୁତ ହୋଇ ନ ଥିବା ସୂଚନା ମିଳିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ପୁଣି କୁମୁଡା ପାହାଡ ଓ ଧବଳେଶ୍ୱର ପୀଠର ଉନ୍ନତିକରଣ ପାଇଁ ୧ କୋଟି ୮୮ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଏହି କାମ ବି ମନ୍ଥର ଗତିରେ ଚାଲିଛି। ମୁରିବାହାଲ ବ୍ଲକ ରହେନଚୁଆ ମୁଣ୍ଡ ଓ ବ୍ରମହାନୋ ପାହାଡ ସିଦ୍ଧିକ୍ଷେତ୍ରର ଉନ୍ନତିକରଣ ପାଇଁ ୪୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ଡିପିଆର ପ୍ରସ୍ତୁତ କରାଯାଇନି। ଏଣୁ ଅନୁଦାନ ପଡି ରହିଛି।

ବେଲପଡା ବ୍ଲକରେ ଥିବା ଗଞ୍ଜାଧାର ଡ୍ୟାମର ଉନ୍ନତିକରଣ ପାଇଁ ୨୦୨୩-୨୪ରେ ୩୬ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିବା ବେଳେ ତାହା କାମ ସରିନାହିଁ। ୨୦୨୧-୨୨ରେ ଦେଓଗାଁ ବ୍ଲକ ଦେଷଣ୍ଡରେ ଥିବା ଚାନ୍ଦଲି ପାହାଡର ଉନ୍ନତିକରଣ ପାଇଁ ୧ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ତାହା ବି ସରି ନ ଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ପାଟଣାଗଡ ପାଟଣେଶ୍ୱରୀ ପୀଠ ପାଇଁ ଦୁଇ କୋଟି ଟଙ୍କାର ଅନୁଦାନ ଦିଆଯାଇଥିଲା। ଫେବୃୟାରୀ ମାସ ଶେଷ ସୁଦ୍ଧା ଡିପିଆର ପ୍ରସ୍ତୁତ ହୋଇ ନ ଥିବା ସୂଚନା ମିଳିଛି। ବଲାଙ୍ଗିର ଭୀମଡୁଙ୍ଗୁରୀର ଉନ୍ନତିକରଣ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୬ କୋଟି ୬୬ ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଥିବା ବେଳେ କାମ ଜାରି ରହିଛି; କିନ୍ତୁ ସଂପୂର୍ଣ୍ଣ ହୋଇନି। ସେହିପରି ଗାଇଖାଇ ଇକୋ ଟୁରିଜିମ, ଆଗଲପୁର ବ୍ଲକ ଆମ୍ବେଝରନର ଉନ୍ନତି ପାଇଁ ଡିପିଆର ପ୍ରସ୍ତୁତ ହୋଇଥିବା ବେଳେ ଅନୁଦାନ ମଞ୍ଜୁର ହୋଇନାହିଁ। ସେହିପରି ବେଲପଡା ବ୍ଲକ ଓସ୍ତାଲି ଡ୍ୟାମ ଓ ଟିଟିଲାଗଡ କୁମୁଡା ପାହାଡ, ଶିବ ମନ୍ଦିରର ଉନ୍ନତି ପାଇଁ ଅଟକଳ ଓ ଡିପିଆର ପ୍ରସ୍ତୁତ କରାଯାଉଛି। ତେବେ ବର୍ଷ ବର୍ଷ ଧରି ଏହି ପ୍ରକଳ୍ପ ସବୁ ଠିକ୍ ଭାବେ କାମ ନ ହୋଇ ଠିକ୍ ସମୟରେ ସଂପୂର୍ଣ୍ଣ ହେଉ ନ ଥିବାରୁ ଅନେକ ସମସ୍ୟା ଦେଖାଦେଇଛି। ରାଜ୍ୟରେ ସରକାର ବଦଳିବା ପରେ ଏହି ସବୁ ପ୍ରକଳ୍ପକୁ ଯେଉଁଭଳି ଭାବେ ଗୁରୁତ୍ୱ ଦିଆଯିବା କଥା ତାହା ଦିଆଯାଉନି। ଏହି ସବୁ ପ୍ରକଳ୍ପର ଭାଗ୍ୟ ଅନିଶ୍ଚିତତା ଭିତରେ ରହିଛି।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ମୁରିବାହାଲ, ୧୪।୩(ସମିସ): ଚଲକି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାମପଦର ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କୁଞ୍ଜବିହାରୀ କୁଅଁରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାନ୍ଧୁପଲା କ୍ଲଷ୍ଟରସ୍ତରୀୟ ସମ୍ବର୍ଦ୍ଧନା ସଭାରେ ମୁରିବାହାଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋଦଣ୍ଡଧର ଭୋଇ ମୁଖ୍ୟ ଅତିଥି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଲିଲୁ ପଧାନ ମୁଖ୍ୟ ବକ୍ତା, ଅବସରପ୍ରାପ୍ତ ଶିକ୍ଷକ ପ୍ରଦ୍ୟୁମ୍ନ ପଣ୍ଡା, ମନୁ ଭୋଇ, ଖୁଜେନପାଲି ପ୍ରଧାନ ଶିକ୍ଷକ ଧର୍ମେନ୍ଦ୍ର ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ କୁଅଁରଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଭୋଜରାଜ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଅର୍ଜୁନ ଭୋଇ, ସୁଶୀଳ ଭୋଇ, ଋଷଭ ଭୋଇ, କାହ୍ନୁଚରଣ ସେଠିଆ, ନନ୍ଦିକିଶୋର ଭୋଇ, ମହେନ୍ଦ୍ର ମାଝୀ, ଉଦୟଭାନୁ ସାହୁ, ନିମାନନ୍ଦ ଖମାରୀ, ଶୁଭରାଜ ବଗର୍ତ୍ତି, ଜ୍ୟୋତିରଞ୍ଜନ ବର୍ଗେ, କୃପାସିନ୍ଧୁ ଜେନା, ଯୁଧିଷ୍ଠିର ଗହୀର, ହେମନ୍ତ ଛତ୍ରିଆ, ଅନିଲ ପ୍ରଧାନ, ବୈକୁଣ୍ଠ ମେହେର, ହେମନ୍ତ ଭୋଇ, ପ୍ରକାଶ ପ୍ରଧାନ, ଉମେଶ ମାଝୀ, ଜଗମୋହନ ରାଉତ, ଜିତେନ୍ଦ୍ର ନାଗ, ଶିକ୍ଷୟିତ୍ରୀ ସବିତା ମାଝୀ, ସବିତା ପ୍ରଧାନୀ, ଆରତୀ ସିଂ ବରିହା, ଦିବ୍ୟକାନ୍ତି ଭୋଇ, ଭାରତୀ କଟା, ରିତୁ ଭୋଇ, ସୌଦାମିନୀ ରାଜପଲିଆ, ବ୍ଲକ କାର୍ଯ୍ୟାଳୟ କର୍ମଚାରୀ ରୁପେଶ ଷାଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ। ବିଦାୟୀ ଶିକ୍ଷକ ଶ୍ରୀ କୁଅଁର ତାଙ୍କର ଦୀର୍ଘ ତିନି ଦଶନ୍ଧିର ଅଙ୍ଗେ ନିଭାଇଥିବା ଅନୁଭବ ଉପସ୍ଥାପନ କରିଥିଲେ। ଶିକ୍ଷକ ବଳରାମ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରୀଡ଼ା ଭିତ୍ତିଭୂମି ପାଇଁ କଳିକେଶଙ୍କ ଦାବି

ବଲାଙ୍ଗିର,୧୩।୩(ସମିସ): ବଲାଙ୍ଗିର ଜିଲ୍ଲାର ଯୁବକ/ଯୁବତୀ କ୍ରୀଡାକ୍ଷେତ୍ରରେ ଜାତୀୟସ୍ତରରେ ଉଲ୍ଲେଖନୀୟ ସଫଳତା ପାଉଛନ୍ତି। ତେଣୁ ସେମାନଙ୍କୁ ଆହୁରି ଆଗକୁ ନେବାକୁ କ୍ରୀଡାଭିତ୍ତିଭୂମିର ଆବଶ୍ୟକତା ରହିଛି। ସରକାର ଏଥିପାଇଁ ପଦକ୍ଷେପ ନେଉଛନ୍ତି କି ଓ ବଲାଙ୍ଗିରରେ ଜାତୀୟସ୍ତରୀୟ ହାଫମାରାଥନ କରିବେ କି ବୋଲି ବିଧାନସଭାରେ ବଲାଙ୍ଗିର ବିଧାୟକ କଳିକେଶନାରାୟଣ ସିଂଦେଓ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ କ୍ରୀଡା ଓ ଯୁବବ୍ୟାପାର ବିଭାଗର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ କହିଛନ୍ତି ଯେ, ରାଜ୍ୟ ସରକାର କ୍ରୀଡା ଭିତ୍ତିଭୂମି ନିର୍ମାଣ ପାଇଁ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ଲାଗି ୪,୧୨୪ କୋଟି ଟଙ୍କାର ବଜେଟ ଧରିଛନ୍ତି। ବଲାଙ୍ଗିର ଜିଲ୍ଲାରେ ଖପ୍ରାଖୋଲରେ ୧୬କୋଟି ୪୨ଲକ୍ଷ ୩୬ ହଜାର ଟଙ୍କା ଓ ପାଟଣାଗଡଠାରେ ୧୯କୋଟି୮୬ଲକ୍ଷ ୪୬ ହଜାର ଟଙ୍କାର ଅନୁଦାନରେ ସରକାର ଦୁଇଟି ବହୁମୁଖୀ ଷ୍ଟାଡିୟମ ନିର୍ମାଣ କରିବାକୁ ଯାଉଛନ୍ତି। ଅନ୍ୟ ବ୍ଲକଗୁଡିକରେ ମଧ୍ୟ ଜମି ଖୋଜା ଚାଲିଛି। ଏହା ସହିତ ଗ୍ରାମାଞ୍ଚଳରେ ୧୪ଟି ସ୍ଥାନ ଓ ସହରାଞ୍ଚଳରେ ୫ଟି ସ୍ଥାନରେରେ ୨୦ଲକ୍ଷ ଟଙ୍କା ଲେଖାଏଁ ଖର୍ଚ୍ଚରେ ଖେଳପଡିଆ ଉନ୍ନତିକରଣ କାମ କରାଯାଇଛି। ବ୍ଲକସ୍ତରୀୟ ଷ୍ଟାଡିୟମରେ ଫୁଟବଲ, କ୍ରିକେଟ, ଆଥଲେଟିକ ଟ୍ରାକ, ଭଲିବଲ କୋର୍ଟ, ଖୋଖୋ ଓ କବାଡି କୋର୍ଟ, (ବେଡମିଣ୍ଟନ, ଟେବୁଲଟେନିସ, ଯୋଗା, ଜିମ) ପାଇଁ ଇଣ୍ଡୋରଷ୍ଟାଡିୟମ, କମନ ଫେସିଲିଟି (ଚେଞ୍ଜିଂରୁମ୍, ୱାସରୁମ), ବାଉଣ୍ଡରି ୱାଲ ଓ ଗେଟ୍ ରହିବ। ବଲାଙ୍ଗିର ଆରଏନସିଂଦେଓ ସ୍ପୋର୍ଟସ କମ୍ପ୍ଲେକ୍ସରେ (ସ୍ପୋର୍ଟ ହଷ୍ଟେଲ, ସ୍ୱିମିଂପୁଲ, ଫୁଟବଲ ଫିଲ୍ଡ, କ୍ଲେ ଆଥଲେଟିକଟ୍ରାକ, ଲନବଲ କୋର୍ଟ, ଫେସିଲିଟି ବିଲଡିଂ ଇତ୍ୟାଦି) ବ୍ୟବସ୍ଥା କରାଯାଇଛି। କଣ୍ଟାବାଞ୍ଜି ଏନଏସିରେ ୭କୋଟି୫୬ଲକ୍ଷ ଟଙ୍କା ଓ ତୁଷୁରା ଏନଏସିରେ ୬କୋଟି ୩୫ଲକ୍ଷ ୩୧ ହଜାର ଟଙ୍କାର ଅନୁଦାନରେ ମଲଟିପର୍ପୋସ ଇଣ୍ଡୋରଷ୍ଟାଡିୟମ ଚାଲୁ ରହିଛି ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ଉତ୍ତର ରଖିଛନ୍ତି। ତେବେ ଚଳିତବର୍ଷ ବଲାଙ୍ଗିର ଜିଲ୍ଲାରେ ଜାତୀୟସ୍ତରୀୟ ହାଫ୍ ମାରାଥନ କରାଇବାର କୌଣସି ପ୍ରସ୍ତାବ ନାହିଁ ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି। ଠିକ୍ ସେହିପରି କେନ୍ଦ୍ରୀୟବିଦ୍ୟାଳୟ ଗୁଡିକର ବିଲଡିଂନିର୍ମାଣ ନେଇ ଗଣଶିକ୍ଷାମନ୍ତ୍ରୀ ବିଭାଗକୁ ହୋଇଥିବା କଳିକେଶଙ୍କର ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି ଯେ, ଟିଟିଲାଗଡରେ ରେଳ ବିଭାଗ ପକ୍ଷରୁ ୮ଏକର ଜମି ହସ୍ତାନ୍ତର ପ୍ରକ୍ରିୟା ଚାଲିଛି। ପ୍ରଥମପର୍ଯ୍ୟାୟରେ ୨୦ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଛି। ପାଟଣାଗଡରେ ୧୦ଏକର ଜମି ଚିହ୍ନଟ କରାଯାଇ ହସ୍ତାନ୍ତର ପ୍ରକ୍ରିୟା ଚାଲିଛି। ସିପିଡବ୍ଲୁଡି ବିଭାଗକୁ ଡିଡିଆର ମଗାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ଉତ୍ତର ରଖିଛନ୍ତି। ସେହିପରି ବଲାଙ୍ଗିର ଜିଲ୍ଲାର ଦିବ୍ୟାଙ୍ଗଜନଙ୍କ ଭତ୍ତା ପ୍ରସଙ୍ଗରେ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗକୁ କରାଯାଇଥିବା ପ୍ରଶ୍ନରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତର ରଖିଛନ୍ତି ଯେ, ବଲାଙ୍ଗିର ଜିଲ୍ଲାରେ ୮୦ବର୍ଷରୁ ଅଧିକ ୨୯୮ଜଣଙ୍କ ଆବେଦନ ଆସିଥିଲା। ସେଥିରୁ ୨୦ଜଣଙ୍କ ଭତ୍ତା ମଞ୍ଜୁର ହୋଇଛି। ସେହିପରି ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ଥିବା ୬୧୧ ଜଣଙ୍କ ଆବେଦନ ଆସିଥିଲା। ସେଥିରୁ ୩୮୪ ଜଣଙ୍କ ଭତ୍ତା ମଞ୍ଜୁର ହୋଇଥିବା ଉତ୍ତର ମିଳିଛି।

# ବିଦା ହେବେ ବନେଇମୁଣ୍ଡା ଆବାସିକ ସ୍କୁଲର ବିବାଦୀୟ ଶିକ୍ଷକ

ପାଟଣାଗଡ଼,୧୪।୩(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ବନେଇମୁଣ୍ଡା ଗାଁରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଦ୍ୱାରା ଏକ ଆବାସିକ ସ୍କୁଲ ପରିଚାଳିତ ହେଉଛି। ଫେବୃୟାରୀ ୧୪

- ଆଉଟ୍ ସୋର୍ସିଂରେ କାମ କରୁଛନ୍ତି
- ଛାତ୍ରଙ୍କୁ ମାଡ଼ ମାରି ଅପବାଦ ମୁଣ୍ଡାଇଛନ୍ତି
- ସ୍କୁଲରୁ ବାହାର କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ତାରିଖ ୭ ଜଣ ଅଷ୍ଟମ ଶ୍ରେଣୀ ଛାତ୍ର ସ୍କୁଲ ପାଚେରୀ ଡେଇଁ ପଳାଇଥିଲେ। ପରେ ସେମାନଙ୍କୁ ବଲାଙ୍ଗିରରୁ ଉଦ୍ଧାର କରାଯାଇ ସ୍କୁଲକୁ ଅଣାଯାଇଥିଲା। ଏହି ଘଟଣାର ତଦନ୍ତରେ ସ୍କୁଲର ଜଣେ ଶିକ୍ଷକ ସେମାନଙ୍କୁ ମାଡ଼ ମାରିଥିବା ଯୋଗୁଁ ଭୟରେ ସେମାନେ ପଳାଇଥିବା ଜଣାପଡିଥିଲା।

ପ୍ରଥମେ ଏହି ଘଟଣାକୁ ଚାପିଦେବାକୁ ଉଦ୍ୟମ କରାଯାଇଥିଲା। ଅଭିଭାବକଙ୍କ ଅଭିଯୋଗ କ୍ରମେ ଘଟଣାର ୪ ଦିନ ପରେ ୧୮ ତାରିଖ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବଂଶୀଧର କିଷାନ ଓ ବ୍ଲକ୍ ମଙ୍ଗଳ ଅଧିକାରୀ ସମ୍ବିତ ପ୍ରସାଦ ଆବାସିକ ସ୍କୁଲକୁ ଆସି ତଦନ୍ତ କରିଥିଲେ। ତଦନ୍ତରେ ସ୍କୁଲର ଜଣେ ଭୋକେସନାଲ ଶିକ୍ଷକ ଛାତ୍ରଙ୍କୁ ମାଡ଼ ମାରିବା ଯୋଗୁଁ ଭୟରେ ସେମାନେ ସ୍କୁଲରୁ ପଳାଇଥିବା ସ୍ପଷ୍ଟ ହୋଇଥିଲା। ଏହି ଘଟଣାରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ମହାନ୍ତି ତଦନ୍ତ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ଦେଇଥିଲେ। ଏହି ଘଟଣାରେ ଜିଲ୍ଲାପାଳ ସମ୍ପୃକ୍ତ ଶିକ୍ଷକଙ୍କୁ ସ୍କୁଲରୁ କାଢ଼ିଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ମହାନ୍ତି କହିଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ବିଭାଗର କ୍ଷମତା ନାହିଁ। ତେଣୁ ସେ ଡିପିସିଙ୍କୁ ସାକ୍ଷାତ କରି କାର୍ଯ୍ୟାନୁଷ୍ଠାନ ପାଇଁ କହିଛନ୍ତି। ଶିକ୍ଷକ ଜଣକ ଆଉଟସୋର୍ସିଂରେ ଅଛନ୍ତି। ଯେଉଁ ଏଜେନ୍ସି ଦ୍ୱାରା ସେ ନିଯୁକ୍ତ ସେହି ଏଜେନ୍ସିକୁ ମଧ୍ୟ ବହିଷ୍କାର ପାଇଁ ଚିଠି କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ ଯେ ବନେଇମୁଣ୍ଡା ଆବାସିକ ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪୯୮ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ୨୦୦ ଛାତ୍ରଛାତ୍ରୀ ଆଶ୍ରମରେ ରହୁଛନ୍ତି। ଫେବୃୟାରୀ ୧୩ ତାରିଖ ସ୍କୁଲ ଛୁଟି ହେବାପରେ ଛାତ୍ରମାନେ ଏକାଠି ଖେଳୁଥିଲେ। ୭ ଜଣ ଛାତ୍ରଙ୍କୁ ସ୍କୁଲର ଭୋକେସନାଲ ଶିକ୍ଷକ ପାଖକୁ ଡାକି କାହିଁକି ବାହାରେ ଖେଳୁଛ ବୋଲି କହି ଗାଳିଗୁଲଜ କରିଥିଲେ। ଏହାସହ ପ୍ରବଳ ମାଡ଼ ମାରିଥିଲେ। ଶନିବାର ପୁଣି ମାଡ ହେବ ବୋଲି କହିଥିଲେ। ଭୟରେ ୭ ଜଣ ଛାତ୍ର ସନ୍ଧ୍ୟାରେ ସ୍କୁଲ ପାଚେରୀ ଡେଇଁ ପଳାଇଥିଲେ। ରାତିସାରା ବରପଦରର ଏକ ଦୋକାନ ବାରଣ୍ଡାରେ ଶୋଇଥିଲେ। ସକାଳୁ ଏକ ଘରୋଇ ବସ୍‌ରେ ବଲାଙ୍ଗିର ଯାଇଥିଲେ। ସେଠାରୁ ଷ୍ଟେସନକୁ ଯାଉଥିବା ବେଳେ ଜଣେ ଅଭିଭାବକ ସେମାନଙ୍କୁ ଦେଖି ଥିଲେ। ସମ୍ପୃକ୍ତ ଅଭିଭାବକ ସେମାନଙ୍କଠାରୁ ସବୁ କଥା ଶୁଣି ଏକ ଅଟୋ ଯୋଗେ ପୁଣି ସ୍କୁଲକୁ ଫେରାଇ ଆଣିଥିଲେ। ଜଣେ ଛାତ୍ରଙ୍କୁ ମାଡ଼ ଯୋଗୁଁ ଗୋଡ଼ରେ ଗଭୀର ଦାଗ ପଡିବା ସହ ଅସୁସ୍ଥ ହୋଇପଡ଼ିଥିଲେ। ପରେ ସମ୍ପୃକ୍ତ ଛାତ୍ରଙ୍କ ମା ଆସି ଚିକିତ୍ସା ପାଇଁ ଘରକୁ ନେଇଥିଲେ।

# ତୁରେକେଲା ବ୍ଲକ୍‌କୁ ସମ୍ପୂର୍ଣ୍ଣ ସାକ୍ଷର ପାଇଁ ସଂକଳ୍ପ

## 'ଉଲ୍ଲାସ' ଶିକ୍ଷା କାର୍ଯ୍ୟକ୍ରମର ସମୀକ୍ଷା




କଣ୍ଟାବାଞ୍ଜି,୧୪।୩(ସମିସ): କଣ୍ଟାବାଞ୍ଜି ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ 'ଉଲ୍ଲାସ' (ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ) ଅଧୀନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ତୁରେକେଲା ବ୍ଲକ୍‌ର ନିରକ୍ଷରତା ଦୂରୀକରଣ ଏବଂ ସାକ୍ଷରତା ହାର ବୃଦ୍ଧି ପାଇଁ ଏହି କାର୍ଯ୍ୟକ୍ରମକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବାକୁ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି।

ଏହି ବୈଠକରେ ତୁରେକେଲା ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ଜଗବନ୍ଧୁ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦଙ୍କ ସମେତ ବିଭିନ୍ନ କ୍ଲଷ୍ଟରର ସଂଯୋଜକ ଓ ଶିକ୍ଷାବିତ୍‌ମାନେ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବୈଠକରେ ଶିକ୍ଷାବିତ୍ ଗଜେନ୍ଦ୍ର ସୁନାନି, ଅନୁପ ଦାସ, ଗଜୟ ଦାସ, ଧନ ସିଂ ମାଝୀ, ଶାନ୍ତନୁ ବେଉରା, ପ୍ରକାଶ ସେଲ୍ଲା ଏବଂ ସଞ୍ଜୟ ଖୁରା ପ୍ରମୁଖ ଉପସ୍ଥିତ ଥିଲେ। ୧୫ ବର୍ଷରୁ ଅଧିକ ବୟସ୍କ ନିରକ୍ଷରଙ୍କୁ ଚିହ୍ନଟ କରି ସେମାନଙ୍କୁ ସାକ୍ଷର କରିବା ପାଇଁ ଘରକୁ ଘର ବୁଲି ସର୍ଭେ କରିବା, ଡିଜିଟାଲ୍ ସାକ୍ଷରତା ଏବଂ ମୌଳିକ ସଂଖ୍ୟା ଜ୍ଞାନ ଶିକ୍ଷା ପ୍ରଦାନରେ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହଯୋଗ ନେବା, ସାକ୍ଷରତା ପରୀକ୍ଷା ପାଇଁ ସମସ୍ତ ଶିକ୍ଷାର୍ଥୀଙ୍କୁ ପ୍ରସ୍ତୁତ କରିବା, ତୁରେକେଲା ବ୍ଲକ୍‌କୁ ଏକ ସମ୍ପୂର୍ଣ୍ଣ ସାକ୍ଷର ବ୍ଲକ୍ ଭାବେ ଗଢ଼ି ତୋଳିବାକୁ ସମସ୍ତ ଶିକ୍ଷା କର୍ମଚାରୀ ସଙ୍କଳ୍ପ ନେଇଥିଲେ।

# ବିନା ନିର୍ଦ୍ଦେଶରେ ଗୋଛା କାଟିଲେ କଟାଳି

## ଗୋଛା କାଟିବାକୁ ଅନୁମତି ମିଳିଲାନି | ମଧୁପୁରରେ ଅସନ୍ତୋଷ

ଦେଓଗାଁ,୧୪।୩(ସମିସ)

ତୁଷୁରା କେନ୍ଦୁପତ୍ର ଡିଭିଜନ ଅଧୀନ ମଧୁପୁର ଗାଁରେ ଚଳିତବର୍ଷ କେନ୍ଦୁପତ୍ର ପାଇଁ ଗୋଛା କାଟିବାକୁ ବିଭାଗୀୟ ନିର୍ଦ୍ଦେଶ ଦିଆଯାଇନାହିଁ। ଏହାଫଳରେ ଗାଁର ଗୋଛା କଟାଳିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ପଶ୍ଚିମାଞ୍ଚଳର ସବୁଜହୀରା କୁହାଯାଉଥିବା କେନ୍ଦୁପତ୍ର ସଂଗ୍ରହ ପାଇଁ ଗତ ମାସ ୨୪ ତାରିଖରୁ କେନ୍ଦୁପତ୍ର ବିଭାଗ ତରଫରୁ ଜଙ୍ଗଲରେ ଗୋଛା କାଟିବା ଆରମ୍ଭ ହୋଇଛି। ତେବେ ସମସ୍ତ ଡିଭିଜନ ଅଧୀନ ଗାଁରେ କଟାଳିମାନେ ଗୋଛା କାଟୁଛନ୍ତି। ଅର୍ଜୁନପୁର ପଞ୍ଚାୟତ ମଧୁପୁର ଗାଁର କଟାଳିଙ୍କୁ ଗୋଛା କାଟିବା ପାଇଁ କେହି ବିଭାଗୀୟ ଅଧିକାରୀ ନ କହିବାରୁ ଗାଁରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗାଁରେ ପ୍ରାୟ ୩୦ଟି ପରିବାର କେନ୍ଦୁପତ୍ର ତୋଳି ପରିବାର ପ୍ରତିପୋଷଣ କରିଥାନ୍ତି। ଏଣୁ ଚଳିତ ମାସ ୧୨ ତାରିଖରେ ଗାଁରେ ଏକ ବୈଠକ କରି ଶ୍ରମିକଙ୍କୁ ଗୋଛା କଟାରୁ ବାଦଦେବାକୁ ନେଇ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଥିଲା। ଅନେକ ପରିବାର ଏହି ଗୋଛାକଟାରେ ସାମିଲ ରହି ତଥା କେନ୍ଦୁପତ୍ର ବିକ୍ରି କରି ନିଜ ପରିବାର ପ୍ରତିପୋଷଣ କରୁଥିବାରୁ ଆଗକୁ କେମିତି ଚଳିବେ ସେ ଉପରେ ଚିନ୍ତାବ୍ୟକ୍ତ କରିଥିଲେ। ଏହାସହ ଗାଁବାସୀଙ୍କ ନିଜସ୍ୱ ନିଷ୍ପତ୍ତିରେ ଗାଁର ପରମା ନାଏକ, ତରଣୀ ନାଏକ, ପାନାଲାଲ ମହାନନ୍ଦ, ଥବିର ମହାନନ୍ଦ, ସୁନ୍ଦରମଣୀ ସୁନା, ମୁନୁଚନ୍ଦ୍ର ଭରାସାଗର, ସୁରେନ୍ଦ୍ର ନାଗ, ଶୁକ୍ରୁ କ୍ଷେତୀ, ସାଗର ମହାନନ୍ଦ, ରାଧାକାନ୍ତ ମାହାକୁର ପ୍ରମୁଖ ୨୦ରୁ ଅଧିକ କଟାଳୀ ବିନା ପାରିଶ୍ରମିକରେ ଗୋଛା କାଟିବା ଆରମ୍ଭ କରିଛନ୍ତି। କଟାଳିମାନେ ତୁଷୁରାର ମହିପୁରସ୍ଥିତ କେନ୍ଦୁପତ୍ର ଡିଭିଜନକୁ ଯାଇ ସେଠାରେ ସଂପୃକ୍ତ ରେଞ୍ଜରଙ୍କୁ ଗୋଛା କାଟିବା ଅନୁମତି ଦେବା ପାଇଁ ଅନୁରୋଧ କରିଥିଲେ। ତେବେ ରେଞ୍ଜର ଶ୍ରମିକଙ୍କୁ ସନ୍ତୋଷଜନକ ଉତ୍ତର ନ ଦେବାରୁ ଗାଁରେ ଅସନ୍ତୋଷ ଲାଗି ରହିଛି। ଏ ନେଇ ସଂପୃକ୍ତ ଗାଁର ମୁନସୀ ପବିତ୍ର ସାହୁଙ୍କ ମତ ଲୋଡିବାରୁ ଏ ପର୍ଯ୍ୟନ୍ତ ତାଙ୍କୁ ଗୋଛା କାଟିବା ପାଇଁ ନିର୍ଦ୍ଦେଶ ଦିଆଯାଇ ନ ଥିବା ପ୍ରକାଶ କରିଥିଲେ। ସେହିପରି ରେଞ୍ଜର ମାନସ ରଞ୍ଜନ ବାରିକଙ୍କୁ ପଚାରିବାରୁ ଗାଁରେ ଗତ ବର୍ଷ ୨ଟି ଗୋଷ୍ଠୀ ମଧ୍ୟରେ ଜାଲିଆତି ମାମଲାକୁ ନେଇ ବିବାଦ ସୃଷ୍ଟି ହେବାସହ ଥାନାରେ ମଧ୍ୟ ମାମଲା ରୁଜୁ ହୋଇଥିଲା। ଚଳିତବର୍ଷ ଗାଁରେ ଗୋଛାକଟା ପୂର୍ବରୁ ହେବାକୁ ଥିବା ଫଡିକମିଟି ମଧ୍ୟ ଏଯାଏ ଗଠନ ହୋଇନି। ଏଣୁ ଗୋଛା କାଟିବା ପାଇଁ ନିର୍ଦ୍ଦେଶ ଦିଆଯାଇପାରୁନାହୁଁ ବୋଲି କହିଛନ୍ତି। ଗାଁରେ ଉଭୟ ଗୋଷ୍ଠୀ ମଧ୍ୟରେ ଆପୋଷ ବୁଝାମଣା ହୋଇ ଫଡି କମିଟି ଗଠନ ହୋଇପାରିଲେ ଗୋଛାକଟା ଆରମ୍ଭ ହେବ ବୋଲି କହିଥିଲେ। ସୂଚନାନୁସାରେ ଗାଁରେ ୩୦ଟି ପରିବାର କେନ୍ଦୁପତ୍ର ତୋଳାଳି ରହିଛନ୍ତି। ମଧୁପୁର ଫଡିରୁ ପ୍ରତିବର୍ଷ ପ୍ରାୟ ଲକ୍ଷେ ଚାଳିଶ କେରି କେନ୍ଦୁପତ୍ର ସଂଗ୍ରହ ହୋଇଥାଏ। ଏଣୁ ଏହି ସମସ୍ୟାର ସମାଧାନ କରା ନ ଗଲେ ଗାଁର ସମସ୍ତ କେନ୍ଦୁପତ୍ର ତୋଳାଳି ପରିବାର କ୍ଷତିଗ୍ରସ୍ତ ହେବା ସୁନିଶ୍ଚିତ।

# ବଲାଙ୍ଗିରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ବଲାଙ୍ଗିର,୧୪।୩(ସମିସ): ବଲାଙ୍ଗିର ଜିଲ୍ଲା ନ୍ୟାୟାଳୟ ସହିତ ଜିଲ୍ଲାର ସମସ୍ତ ତାଲୁକସ୍ତର ଓ ତୁଷୁରା କୋର୍ଟରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏହି ଲୋକ ଅଦାଲତ ଜିଲ୍ଲା କୋର୍ଟ ପରିସରରେ ଭାରପ୍ରାପ୍ତ ଜିଲ୍ଲା ନ୍ୟାୟାଧୀଶ ମଳୟ ରଂଜନ ଦାଶ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶ୍ରୀଦୀପ୍ ମିଶ୍ରଙ୍କ ଉପସ୍ଥିତିରେ ପରିଚାଳିତ ହୋଇଥିଲା। ଏଥିରେ ବିମଳ କୁମାର ଚାନ୍ଦ, ଚେୟାରମ୍ୟାନ, ପି ଏଲ୍ ଏ(ପି ୟୁ ଏସ୍), ଅଞ୍ଜଳି ପାଢ଼ୀ, ଅତିରିକ୍ତ ଜିଲ୍ଲା ଜଜ୍ (ଦ୍ୱିତୀୟ), ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ଶଙ୍ଖ ଚକ୍ରବର୍ତ୍ତୀ, ଶ୍ରୀଦୀପ୍ ମିଶ୍ର ରେଜିଷ୍ଟ୍ରାର, ସିଭିଲ କୋର୍ଟ, ବୈଶାଳୀ ନାୟକ ସିଭିଲ୍ ଜଜ୍ (ବରିଷ୍ଠ), ଅନ୍ନପୂର୍ଣ୍ଣା ଷଡଙ୍ଗୀ ଅତିରିକ୍ତ ସିଭିଲ୍ ଜଜ୍ (ବରିଷ୍ଠ), ଦୀପାରାଣୀ ଜେନା (ଏସଡିଜିଏମ), ଶାଶ୍ୱତୀ ମହାପାତ୍ର ସିଭିଲ୍ ଜଜ୍ (କନିଷ୍ଠ), ଦୀପାଳି ଦାସ (ଜେଏମ୍‌ଏଫ୍‌ସି), ଅର୍ଘ୍ୟରୂପା ମିଶ୍ର (ଜେଏମ୍‌ଏଫ୍‌ସି) ଏବଂ ଜିଲ୍ଲା ବାର୍‌ର ପ୍ରାୟ ସମସ୍ତ ଅଧିବକ୍ତା ଉପସ୍ଥିତ ଥିଲେ। ଜିଲ୍ଲାର ବିଭିନ୍ନ ରାଜସ୍ୱ ଅଧିକାରୀ, ଜାତୀୟକରଣ ବ୍ୟାଙ୍କ, ଜଳ ବିଭାଗ, ବିଦ୍ୟୁତ ବିଭାଗ, ବିଏସଏନଏଲ ଓ ଅନ୍ୟାନ୍ୟ ବିଭାଗର କର୍ମଚାରୀ ମଧ୍ୟ ଏହି ଲୋକ ଅଦାଲତରେ ଭାଗ ନେଇଥିଲେ। ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ମଳୟ ରଂଜନ ଦାଶଙ୍କ ନିର୍ଦ୍ଦେଶରେ ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ପ୍ରାଧିକରଣ ପରିସରରେ ଉପସ୍ଥିତ ବ୍ୟକ୍ତିମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ସଚେତନତା ବୃଦ୍ଧି ପାଇଁ ଦ୍ୱିତୀୟ ମଧ୍ୟସ୍ଥତା ଅଭିଯାନର ଶିବିର ମଧ୍ୟ ଖୋଲାଯାଇଥିଲା। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୫ଟି ଦେୱାନୀ ମକୋଦ୍ଦମା ଫଇସଲା ହୋଇ ୫୬୩୮୬୧ ଟଙ୍କାରେ ସମାଧାନ ହୋଇଥିଲା। ୮ଟି ବ୍ୟାଙ୍କ ମକଦ୍ଦମା ୩୦୧୪୬୧୨.୦୭ଟଙ୍କାରେ ସମାଧାନ ହୋଇଥିଲା। ୧୪ଟି ମଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ୪୬୦୬୦୦୦ ଟଙ୍କା କ୍ଷତିପୂରଣ ଦେବା ପାଇଁ ଆଦେଶ କରାଯାଇଥିଲା। ୩୮୬ଟି ଫୌଜଦାରି ମଚଦ୍ଦମା ଫଇସଲା କରାଯାଇ ୩୭୭୨୫୮୫ ଟଙ୍କାରେ ସମାଧାନ ହୋଇଥିଲା। ପାରିବାରିକ ମିଳାମିଶାରେ ୪ଟି ମାମଲା ଫଇସଲା ହୋଇଥିଲା। ୮୮୮୭ଟି ରାଜସ୍ୱ ମାମଲାର ବିଚାର କରାଯାଇଥିଲା ୧୮୭୮୭୦୦ ରାଜସ୍ୱ ଆଦାୟ କରାଯାଇଥିଲା। ୧୫୬୦ଟି ପ୍ରାକ୍ ମକଦ୍ଦମା ୧୯୩୦୬୬୭୬ ଟଙ୍କାରେ ସମାଧାନ ହୋଇଥିଲା। ମୋଟ ୧୦୮୩୪ଟି ମକଦ୍ଦମା ୩୩୨୪୨୪୩୪.୦୭ଟଙ୍କାରେ ସମାଧାନ କରାଯାଇଥିଲା। ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିରର ସଚିବ (ଭାରପ୍ରାପ୍ତ) ଶ୍ରୀଦୀପ୍ ମିଶ୍ର ପରିଚାଳନା କରିଥିଲେ। ଆଇନ ଶୃଙ୍ଖଳା ରକ୍ଷାରେ ଜିଲ୍ଲା ପୁଲିସ ସହଯୋଗ କରିଥିଲା।

# ଜିଲ୍ଲାପାଳଙ୍କ ଗୋଡାଳ ହାଇସ୍କୁଲ ପରିଦର୍ଶନ




**ସିନାପାଲି, ୧୪।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସ୍ଥିତ ଗୋଡାଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଶନିବାର ପହଞ୍ଚି ମଧ୍ୟାହ୍ନ ଭୋଜନ ଉପରେ ବିଶେଷ ଆଲୋଚନା କରିବା ସହିତ ବିଦ୍ୟାଳୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମଧ୍ୟାହ୍ନ ଭୋଜନକୁ ନେଇ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କୁ ପଚାରି ବୁଝି ସନ୍ତୋଷ ବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପରିବେଶ ଓ ବିଦ୍ୟାଳୟ ପରିଚାଳନା ଉପରେ ବେଶ୍ ଖୁସି ବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ଯୋଷୀଙ୍କ ଠାରୁ ସବିଶେଷ ତଥ୍ୟ ସଂଗ୍ରହ କରିବା ସହ ବିଦ୍ୟାଳୟର ଅନେକ ଦିଗ ଉପରେ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ସିନାପାଲି ବିଡ଼ିଓ, ସିନାପାଲି ତହସିଲଦାର ସମେତ ଅନେକ ସାମିଲ ରହିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ଗ୍ୟାସ୍ ପାଇଁ ଲମ୍ବା ଲାଇନ

# ବୁକିଂ ପାଇଁ ଲାଗୁନି ଟୋଲଫ୍ରି ନମ୍ବର

**କେସିଙ୍ଗା, ୧୪।୩(ସମିସ)**

ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ପାଇଁ ସାରା ବିଶ୍ୱରେ ଇନ୍ଧନର ସମସ୍ୟା ଦେଖା ଦେଇଛି। ଭାରତ ମଧ୍ୟ ଇନ୍ଧନ ସମସ୍ୟାରେ ପଡ଼ିଛି ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେଉଥିଲେ ମଧ୍ୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଇନ୍ଧନ ଦାୟିତ୍ୱରେ ଥିବା ମନ୍ତ୍ରୀମାନେ କହୁଛନ୍ତି ପରିସ୍ଥିତି ହାତମୁଠାରେ ଅଛି କାହାକୁ ବିଚଳିତ ହେବାକୁ ଦରକାର ନାହିଁ ଯଦି ମନ୍ତ୍ରୀ ଓ ଅଧିକାରୀଙ୍କ କଥା ସତ ତାହା ହେଲେ ଗ୍ୟାସ ବିତରଣ କେନ୍ଦ୍ରରେ ଏତେ ଭିଡ଼ ପରିଲକ୍ଷିତ କାହିଁକି ହେଉଛି ତାହାର ଉତ୍ତର କାହା ପାଖରେ ନାହିଁ। ଯଦି ଦେଶରେ ଗ୍ୟାସର ଅଭାବ ନାହିଁ ତାହା ହେଲେ ସରକାର ଘରୋଇ ଗ୍ୟାସରେ ୬୦ଟଙ୍କା ଓ କର୍ମରସିଆଲ ଗ୍ୟାସରେ ହଠାତ୍ କାହିଁକି ବୃଦ୍ଧି କଲେ ବୁଝାପଡୁନାହିଁ। ଫଳରେ ଓଡ଼ିଶାରେ ଥିବା ଗ୍ୟାସ ଉପଭୋକ୍ତାଙ୍କୁ ପ୍ରଭାବ ପଡ଼ିଛି। ଅନ୍ୟପଟେ ଉପଭୋକ୍ତାଙ୍କ କହିବା ଅନୁସାରେ ଆଜକୁ ପ୍ରାୟ ଏକ ସପ୍ତାହ ହେଲାଣି ଗ୍ୟାସ ବୁକିଂ ପାଇଁ ଉପଲବ୍ଧ ଟୋଲଫ୍ରି ନମ୍ବର ବନ୍ଦ ଅଛି ଯାହା ଫଳରେ ବୁକିଂ ହୋଇ ପାରୁନାହିଁ। ଗ୍ୟାସ ବିତରକ କେନ୍ଦ୍ରକୁ ଗଲେ ବିନା ଓଟିପିରେ ଗ୍ୟାସ ଦେବୁନାହିଁ ବୋଲି ଉପଭୋକ୍ତାଙ୍କୁ ଫେରାଇ ଦେଉଛନ୍ତି। ଟୋଲ ଫ୍ରି ବୁକିଂ ନମ୍ବର କାହିଁକି ବନ୍ଦ ଅଛି ନା ଜାଣିଛନ୍ତି ଗ୍ୟାସ୍ ବିତରକ ସଂସ୍ଥାର କର୍ମକର୍ତ୍ତା ନା ଜାଣିଛନ୍ତି ଉପଭୋକ୍ତା। ସେମିତି ବି ଓଡ଼ିଶାର ୫୦ପ୍ରତିଶତ ଲୋକ ନିଜର ଜାଳେଣି ପାଇଁ ମୁଖ୍ୟତଃ ଗ୍ୟାସ୍ ଉପରେ ନିର୍ଭର କରିଥାନ୍ତି।



ଦୁଇ ଦିନ ତଳେ କଳାହାଣ୍ଡି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଭବାନୀପାଟଣାରେ ଜିଲ୍ଲାର ଗ୍ୟାସ୍ ବିତରକମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇ କଳାବଜାରୀ ରୋକିବାକୁ ଅନେକ ପଦକ୍ଷେପ ନିଆଯିବା ସହିତ ସମସ୍ତ ବିତରକମାନଙ୍କୁ ଜିଲ୍ଲାପାଳ ଗ୍ୟାସ କଳାବଜାରୀ ନ କରିବାକୁ ତାଗିଦ୍ କରିଥିଲେ ତଥାପି ଜିଲ୍ଲାରେ ଗ୍ୟାସ୍ କଳାବଜାରୀ ହେଉଥିବା ଶୁଣିବାକୁ ମିଳୁଛି ହୋଟେଲ ବ୍ୟବସାୟୀମାନେ ୯୪୫ ଟଙ୍କାର ଗ୍ୟାସ୍ ସିଲିଣ୍ଡରକୁ ୧୫ଶହ ଟଙ୍କାରେ କିଣୁଥିବା ଶୁଣିବାକୁ ମିଳୁଛି। ସେମିତି କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ମଧ୍ୟ ସମାନ ଧରଣର ଅଭିଯୋଗ ଗ୍ୟାସ୍ ପାଇଁ ବିତରଣ କେନ୍ଦ୍ର ସମ୍ମୁଖରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲମ୍ବା ଲାଇନ ପୁଣି ସେହି ଲମ୍ବା ଲାଇନ ମଧ୍ୟରେ କିଛି ନିଜ୍ ଘର ପାଇଁ ଗ୍ୟାସ୍ ନେବାକୁ ଆସୁଛନ୍ତି ଓ କିଛି କଳାବଜାରୀ କରିବା ପାଇଁ ଲାଇନରେ ଠିଆ ହୋଇଥିବା ଦେଖିବାକୁ ମିଳୁଛି। ସେପଟେ ଲୋକେ ଆଗକୁ ଗ୍ୟାସ୍ ସଟେଜ୍ ହେବ ବୋଲି ବ୍ୟାକୁଳ ହେଉଥିବା ବେଳେ ପ୍ରଶାସନ କିନ୍ତୁ ନୀରବ ରହିଛି ଜିଲ୍ଲା ପ୍ରଶାସନ କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ

### ସରକାରୀ ଜାଳେଣି କାଠ ଡିପୋ ଖୋଲିବାକୁ ଦାବି

କରାଯାଉ ନାହିଁ ଲୋକଙ୍କୁ ଦେଶରେ ବା ରାଜ୍ୟରେ ଗ୍ୟାସ୍‌ର ସମସ୍ୟା ନାହିଁ ବୋଲି କିଛି ଆଦେଶ ଜାରି କରୁନାହାନ୍ତି ଯଦି ରାଜ୍ୟରେ ଘରୋଇ ଗ୍ୟାସର ସମସ୍ୟା ନାହିଁ ତାହାହେଲେ ଯଥା ଶୀଘ୍ର ପ୍ରଶାସନ ପକ୍ଷରୁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଗାଁଆଁ ଠାରୁ ସହର ବୁଲି ଲୋକଙ୍କୁ ସଚେତନ କରାଇବା ସହିତ ସହରରେ ଦଶନ୍ଧି ଧରି ବନ୍ଦ ରହିଥିବା ସରକାରୀ ଖୁଚୁରା ଜାଳେଣି କାଠ ଡିପୋ ପୁଣିଥରେ ଖୋଲିବା ପାଇଁ ଦାବି ଜୋର୍ ଧରୁଛି।

## କେସିଙ୍ଗା ଓକିଲ ସଂଘ ନିର୍ବାଚନ

# ଗୁରୁପ୍ରସାଦ ସଭାପତି ଓ ସନ୍ତୋଷ ସମ୍ପାଦକ

**କେସିଙ୍ଗା, ୧୪।୩ (ସମିସ):** ଆସନ୍ତା ୨୮.୩.୨୦୨୬ ତାରିଖରେ ସାରା ରାଜ୍ୟରେ ହେବାକୁ ଥିବା ଓକିଲ ସଂଘ ନିର୍ବାଚନର ୧୪.୦୩.୨୦୨୬ ଦିନକୁ ଫାଇନାଲ୍ ଲିଷ୍ଟ ପ୍ରକାଶ କରିବା ପାଇଁ ଧାର୍ଯ୍ୟ ହୋଇଥିଲା।



କେସିଙ୍ଗା ଓକିଲ ସଂଘର ନିର୍ବାଚନ ଅଧିକାରୀଙ୍କ ଅନୁଯାୟୀ କେସିଙ୍ଗା ବାର୍‌ଆସୋସିଏସନ୍‌ରେ ନିର୍ବାଚନ ହେବାକୁ ଥିବା ସମସ୍ତ ପଦ ଗୁଡିକ 'ନିର୍ବିରୋଧ ମନୋନୀତ ପ୍ରାର୍ଥୀ'ମାନଙ୍କ ନାମରେ ଏକ ବର୍ଷ କାଳ ତଥା ଅପ୍ରେଲ୨୦୨୬ରୁ ମାର୍ଚ୍ଚ ୨୦୨୭ ପାଇଁ ନାମାଙ୍କନ କରାଗଲା। ଫାଇନାଲ ଲିଷ୍ଟ ଅନୁଯାୟୀ ସଭାପତି ଭାବରେ ବରିଷ୍ଠ ଆଇନଜୀବୀ ଗୁରୁ ପ୍ରସାଦ ବଗର୍ତ୍ତି ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବରେ ସନ୍ତୋଷ କୁମାର ଦାସ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବରେ ସୋମ୍ୟରଞ୍ଜନ ମିଶ୍ର, ସହସମ୍ପାଦକ ଭାବରେ ଅକ୍ଷୟ କୁମାର ପାତ୍ର ଓ କୋଷାଧ୍ୟକ୍ଷ ଭାବରେ ଗ୍ୟୋତମ ନାଗ ନିର୍ବାଚିତ ହୋଇଛନ୍ତି।ତତ୍ ସହ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବରେ ପ୍ରକାଶ କୁମାର ଦାସ, ଦେବେନ୍ଦ୍ର ଭୁଜବଲ, ପ୍ରଶାନ୍ତ କୁମାର ପଣ୍ଡା, ହରିପ୍ରସାଦ ତାଣ୍ଡି ଓ ନଳିନୀ ପ୍ରଭା ପାତ୍ର ନିର୍ବାଚିତ ହୋଇଛନ୍ତି। କେସିଙ୍ଗା ବାର୍‌ଆସୋସିଏସନ୍ ସମ୍ପାଦକ ଯୁଗଳ କିଶୋର ଦୀପ ନୂତନ କମିଟିର ସମସ୍ତ ପଦାଧିକାରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ, ଆସନ୍ତା ଅପ୍ରେଲ ପ୍ରଥମ ସପ୍ତାହ ମଧ୍ୟରେ କାର୍ଯ୍ୟାଳୟ ଦାୟିତ୍ୱ ହସ୍ତାନ୍ତର କରିବା କଥା କହିଛନ୍ତି। କେସିଙ୍ଗା ଓକିଲ ସଂଘର ନିର୍ବାଚନ ଅଧିକାରୀ ଭାବରେ ଦାୟିତ୍ୱ ସମ୍ଭାଳିଥିଲେ ବରିଷ୍ଠ ଆଇନଜୀବି କାମପାଳ ସାହା।

## ରାଷ୍ଟ୍ରୀୟ ଲୋକ ଅଦାଲତ

# ବ୍ୟାଙ୍କ ଋଣ ମାମଲାରେ ୩ ଲକ୍ଷ ୬୧ ହଜାର ଟଙ୍କା ଆଦାୟ

**କେସିଙ୍ଗା, ୧୪।୩ (ସମିସ):** ତାଲୁକ ଆଇନସେବା ସମିତି କେସିଙ୍ଗା ତରଫରୁ ଶନିବାର ଦିନ ଅଦାଲତ ପରିସରରେ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ



ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ତଥା ବିଚାରପତି ଦୀପ୍ତା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକଅଦାଲତରେ ମୋଟ ୧୨ଟି ଫାଇନାଲ ରିପୋର୍ଟ କେସ ବିଚାର କରାଯାଇ ଶେଷ କରାଯାଇଥିଲା। ସେହିପରି ୨୯ଟି ପ୍ରାକ ବ୍ୟାଙ୍କରଣ ଜନିତ ମୋକଦ୍ଦମା ମାମଲାରେ ମୋଟ ୩ ଲକ୍ଷ ୬୧ ହଜାର ୪ ଶହ ଟଙ୍କା ଋଣ ଆଦାୟ କରାଯାଇ ଥିବା ବେଳେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ଲୋକ ଅଦାଲତରେ ୭୪ଟି ରାଜସ୍ୱ ମାମଲାର ବିଚାର କରାଯାଇ ମୋଟ ୩୧ ହଜାର ୭ ଶହ ୩୦ ଟଙ୍କା ରାଜସ୍ୱ ଆଦାୟ କରାଯାଇଥିଲା। ଲୋକଅଦାଲତରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ସରକାରୀ ଓକିଲ ସନ୍ତୋଷ କୁମାର ଦାସ, ବରିଷ୍ଠ ଆଇନଜୀବୀ ପ୍ରକାଶ ଦାସ, ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ଭୋଇ, ସମ୍ପାଦକ ଯୁଗଳ କିଶୋର ଦୀପ, ରଞ୍ଜିତ କୁମାର ଷଡଙ୍ଗୀ, ସୌରରଶ୍ମି ନନ୍ଦ, ହରି ପ୍ରସାଦ ତାଣ୍ଡି, ଆଲୋକ କୁମାର ଦାସ, ସୁନ୍ଦର ବାବୁ ପାତ୍ର, ସଞ୍ଜୀବ କୁମାର ସ୍ୱାଇଁ, ଦିନେଶ କୁମାର ଭୋଇଙ୍କ ସମେତ ବରିଷ୍ଠ ଆଇନଜୀବୀମାନଙ୍କ ସହ ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ ଓ ଅଦାଲତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୧୭ ମାମଲାର ସମାଧାନ



**କୋକସରା, ୧୪।୩(ସମିସ):** କୋକସରା କୋର୍ଟ ପରିସରରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷା ଲିପ୍ସା ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୋକ ଅଦାଲତରେ ୧୭ ଟି ଫୌଜଦାରି ମୋକଦ୍ଦମା ଫଇସଲା କରାଯାଇଥିଲା। ଏଥିରେ କର୍ମଚାରୀ ମୋହନ ହରିଜନ, କେଶବ ଚନ୍ଦ୍ର ରାଉତ, ହିମାଂଶୁ ଭୋଇ, ବେଣୁଧର ନେଗୀ ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ବ୍ୟାଙ୍କ କର୍ମଚାରୀ ମଧ୍ୟ ଅଂଶ ଗ୍ରହଣ କରିଥିଲେ।ଏସବିଆଇ କୋକସରା, ଆମପାଣି, ଚାହାରବାହାଲ, ୟୁଜିବି ମୋଟେର, କାଉଡୋଲା ସମେତ ମୋଟ ୫ଟି ବ୍ୟାଙ୍କର କର୍ମଚାରୀମାନେ ଉପସ୍ଥିତ ଥିଲେ। ଋଣ ଖିଲାପ ମାମଲାର ଫଇସଲା କରାଯାଇ ୫ ଲକ୍ଷ ୫୬ ହଜାର୨୫୦ଟଙ୍କା ଆଦାୟ କରାଯାଇଥିବା ସୂଚନା ମିଳିଛି।

# ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା



**କୋକସରା, ୧୪।୩(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଗ୍ରାମରେ ରବିବାର ସକାଳୁ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହେବ।ଶନିବାର କଳସ ଶୋଭାଯାତ୍ରା ଓ ଅଧିବାସ କାର୍ଯ୍ୟ କରାଯାଇଛି। ଅପରାହ୍ନରେ ପ୍ରହର ମଣ୍ଡପ ନିକଟରୁ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ମୁଟୁରା ନଦୀ କୂଳରେ ପହଞ୍ଚିଥିଲେ। ସେଠାରେ ପଣ୍ଡିତ ଦିଲ୍ଲୀପ କୁମାର ଯୋଷୀ ସହଯୋଗୀ ପ୍ରତାପ ପଣ୍ଡା ପ୍ରମୁଖ ପୂଜାର୍ଚ୍ଚନା କରିବା ପରେ ପୂଜା କର୍ତ୍ତା ନିଳାମ୍ବର ଦାସଙ୍କ ସହଧର୍ମିଣୀ ରୁବି ଦାସ ପ୍ରଥମେ ପୂର୍ଣ୍ଣଜଳ କଳସୀ ଉଠାଣ କରିଥିଲେ। ଏହା ପରେ ଅନ୍ୟମାନେ ଜଳ ଉଠାଇ ଥିଲେ। ଜଳ ଉଠାଇ ଶୋଭାଯାତ୍ରାରେ ଆସି ନଗର ପରିକ୍ରମା କରି ପ୍ରହର ମଣ୍ଡପରେ ପହଞ୍ଚି କଳସୀ ସ୍ଥାପନ କରିଥିଲେ। ରବିବାର ଓ ୧୬ ତାରିଖ ପର୍ଯ୍ୟନ୍ତ ଦୁଇ ଦିନ ଧରି ଚାଲିଛି। ୧୭ ତାରିଖରେ ନମଃ ସମାପନ ସହ ନଗର ପରିକ୍ରମା, ଦହିହାଣ୍ଡି ଭଗ୍ନ ଆଦି କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ମିଳିଛି। ନାମଯଜ୍ଞ ଲାଗି ବଡ଼ପୋଡ଼ାଗୁଡ଼ା ଗ୍ରାମର ତିନୋଟି ସଂକୀର୍ତ୍ତନ ମଣ୍ଡଳୀ ସହ କଳାହାଣ୍ଡି ଜିଲ୍ଲା ଓ ପଡ଼ୋଶୀ ନୂଆପଡ଼ା, ବଲାଙ୍ଗୀର ଆଦି ଜିଲ୍ଲାରୁ ସମୁଦାୟ ୮ଟି ସଂକୀର୍ତ୍ତନ ମଣ୍ଡଳୀକୁ ନିମନ୍ତ୍ରଣ କରାଯାଇଥିବା ସୂଚନା ଦିଆଯାଇଛି।

# ଭୋଜିରେ ଗଣ୍ଡଗୋଳ ଘଟଣା, ଦୁଇ ଗିରଫ

**ସିନାପାଲି, ୧୪।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅନ୍ତର୍ଗତ ଜରେଲପଦର ଗ୍ରାମରେ ଏକ କୋଣାବରା କାର୍ଯ୍ୟକ୍ରମରେ ଭୋଜିଭାତ ବେଳେ ଗଣ୍ଡଗୋଳ ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଦ୍ୱୟ ଜରେଲପଦର ଗ୍ରାମର ଡୋଳାମଣି ହର୍ଣ୍ଣା (୨୬) ଓ ମାଧବ ହେର୍ଣା (୨୬)ବୋଲି ସୂଚନା ମିଳିଛି। ସୂଚନା ଯୋଗ୍ୟ ଯେ ଜରେଲପଦର ଠାରେ ଭୋଜି କାର୍ଯ୍ୟକ୍ରମରେ ଗଣ୍ଡଗୋଳ ହେବାରୁ ଜଣେ ବ୍ୟକ୍ତି ଗୁରୁତର ହୋଇଥିଲେ। ଗୁରୁତର ଜଣକ ଘଣ୍ଟିଗୁଡାଗ୍ରାମର ଚଉବନ ନାଗ। ଚଉବନ ନିଜ ସମ୍ପର୍କୀୟଘର ଜରେଲପଦର ଗ୍ରାମକୁ କୋଣାବରା କାର୍ଯ୍ୟକ୍ରମକୁ ଯାଇଥିଲେ। ସେଠାରେ ଭୋଜିଭାତ ସମୟରେ ଚଉବନ ମାଂସ ତରକାରୀ ବଣ୍ଟନ କରିଥିଲେ। ମାଂସ ତରକାରୀ ଦେଉଥିବା ବେଳେ ଜରେଲପଦର ଗ୍ରାମର କିଛିଲୋକ ଚଉବନ ସହ



ଗଣ୍ଡଗୋଳ କରି ରୋଷେଇ ହାଣ୍ଡିରେ ଥିବା ଗରମ ପାଣିରେ ଠେଲି ଦେଇଥିଲେ। ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ଉଦ୍ଧର କରାଯାଇଥିଲା। ଏନେଇ ତାଙ୍କ ଭାଇ ଚିନ୍ତା ନାଗ ଘଟଣାକୁ ନେଇ ବିରୋଧ କରିବାରୁ ତାଙ୍କୁ ମଧ୍ୟ ମାରପିଟ୍ କରିଥିଲେ। ଘଟଣା ପରେ ଗୁରୁତର ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିବା ବେଳେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରୁ ବର୍ତ୍ତମାନ ରାଉରକେଲା ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭେଣ୍ଟିଲେଟରରେ ରଖାଯାଇଥିବା ଜଣାପଡ଼ିଛି। ଏନେଇ ପରିବାରଲୋକ ସିନାପାଲି ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କଲାପରେ ସିନାପାଲି ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ସିନାପାଲି ଥାନାରେ କେଶ୍ ନଂ ୭୦/୨୦୨୬ରେ ମାମଲା ରୁଜୁ କରି ଆହୁରି ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ଶିକ୍ଷା ସଚେତନତା କାର୍ଯ୍ୟକ୍ରମ

**ଭବାନୀପାଟଣା, ୧୪।୩ (ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଚିଚିଗୁଡ଼ା ପଞ୍ଚାୟତର ଶାନ୍ତିପୁର ପ୍ରାଥମିକ ବିଦ୍ୟାଳୟରେ ଅଙ୍ଗନବାଡ଼ି ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ସହିତ ଶିକ୍ଷା ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ପଢ଼ାଶୁଣା ପ୍ରତି ଆଗ୍ରହ ବଢ଼ାଇବା ଏବଂ ଶିକ୍ଷାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ କରାଯାଇଥିଲା। ସେଥିପାଇଁ ଛୋଟ ଛୋଟ ଶିଶୁମାନଙ୍କୁ ନୋଟବୁକ୍, ପେନ୍ ଓ ଚକୋଲେଟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ଭାରତୀୟ ହ୍ୟୁମାନ ରାଇଟ୍ସ କାଉନସିଲ୍ ପକ୍ଷରୁ ଆୟୋଜିତ ହୋଇଥିଲା। ଓଡ଼ିଶାର ରାଜ୍ୟ ଅଧ୍ୟକ୍ଷ ମହମ୍ମଦ ମୁସ୍ତାଫାଙ୍କ ସହ ସମସ୍ତ ସଦସ୍ୟଙ୍କ ପକ୍ଷରୁ ସହଯୋଗ ଓ ସମର୍ଥନ ପାଇଁ କୃତଜ୍ଞତା ଜଣାଯାଇଥିଲା। ସମାଜର କଲ୍ୟାଣ, ଶିକ୍ଷାର ପ୍ରଚାର ଓ ସଚେତନତା ସୃଷ୍ଟି ପାଇଁ ଏପରି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଆୟୋଜକମାନେ କହିଥିଲେ।




# ବଢୁଛି ଗ୍ରୀଷ୍ମପ୍ରବାହ, କେବେ ଖୋଲିବ ଜଳଛତ୍ର

**ଧର୍ମଗଡ଼, ୧୪।୩(ସମିସ):** ଏବେ ଠାରୁ ଗ୍ରୀଷ୍ମପ୍ରବାହ ପାରଦ ୪୦କୁ ଛୁଇଁଲାଣି। ପ୍ରବଳ ଖରା ଯୋଗୁଁ ମଣିଷ ଠାରୁ ପଶୁପକ୍ଷୀ ଅସ୍ତବ୍ୟସ୍ତ। ସାଧାରଣ ଭାବେ ମାର୍ଚ୍ଚ ମାସ ମଧ୍ୟରେ ବିଗତ ବର୍ଷ ମାନଙ୍କରେ ପାରଦ ୩୨-୩୫ ରହିଥିବା ନଜର ଥିବା ବେଳେ ଚଳିତ ବର୍ଷ ତାହା ୪୦ଉପରକୁ ଗଲାଣି।ଯାହାକୁ ନେଇ ସାଧାରଣରେ ଚିନ୍ତା ପ୍ରକଟ ହୋଇଛି।ସକାଳ ୧୧ଘଣ୍ଟାରୁ ପ୍ରବଳ ଉତ୍ତପ୍ତ ବଢ଼ି ଲାଗି ରହିଥିବା ବେଳେ ପଥଚାରୀଙ୍କ ସହ ସାଧାରଣ ଲୋକ ପିଇବା ପାଣି ପାଇଁ ଉହଲବିକଳ ହେଉଥିବା ଦେଖାଯାଇଛି। ସରକାର ଏହାକୁ ଦୃଷ୍ଟିରେ ରଖି ଗାଁ ଗଣ୍ଡା ଠାରୁ ସହର ମଧ୍ୟରେ ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ ହେଁ ଆଜିଯାଏ ପଞ୍ଚାୟତ, ବ୍ଲକସ୍ତରରେ ଖୋଲି ନ ଥିବା ଜଣାପଡ଼ିଛି। ଯାହାକୁ ନେଇ ସାଧାରଣଜନତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।ଜଳଛତ୍ର ଜରିଆରେ ପଥିକ ଓ ସାଧାରଣ ଲୋକଙ୍କ ପାଇଁ ଥଣ୍ଡା ପାନୀୟ ଜଳ ଯୋଗାଇ ଦିଆଯାଇଥାଏ। ଏଥିପାଇଁ ସରକାର ଅର୍ଥ ମଧ୍ୟ ଯୋଗାଇ ଦେଇଥାନ୍ତି। ପଞ୍ଚାୟତ ଜରିଆରେ ଗାଁ ଛକମାନଙ୍କରେ ଜଳଛତ୍ର ଖୋଲା ଯାଇଥାଏ।ହେଲେ ମାର୍ଚ୍ଚ ମାସ ଯିବାକୁ ବସିଲାଣି କିନ୍ତୁ ଧର୍ମଗଡ଼ ବ୍ଲକ ଅଧିନ ପଞ୍ଚାୟତମାନଙ୍କରେ ଜଳଛତ୍ର ଖୋଲିବା ନା ଧରୁନି।ଅନେକ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପଚାରିଲେ ଆଉ ସମୟ ଅଛି ଖୋଲା ଯିବ, ବ୍ୟସ୍ତ କାହିଁକି ବୋଲି ଉତ୍ତର ରଖିଛନ୍ତି।ତେବେ ପ୍ରଶାସନର ଏଭଳି ବେପାରୁଆ ନୀତି ଯୋଗୁଁ ସାଧାରଣ ତଥା ପଥିକଙ୍କ ଯେମିତି ପିଇବା ପାଣି ପାଇଁ ଅଘଟଣ ନ ଘଟେ ପ୍ରଶ୍ନ ଉଠିଛି। ଏନେଇ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକଙ୍କୁ ପଚାରିବାରୁ ସରକାରଙ୍କ ଠାରୁ ବର୍ତ୍ତମାନ ସୁଦ୍ଧା ନିର୍ଦ୍ଦେଶନାମା ଆସିନାହିଁ-ଏପ୍ରିଲ ମାସ ପହିଲାରେ ଖୋଲାଯିବ ବୋଲି ପ୍ରକାଶ କରିଛନ୍ତି।

## ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ଅଭିଯାନ

# ଗୋଟିଏ ଦିନରେ ଜିଲ୍ଲାବ୍ୟାପୀ ସଫେଇ





**ନୂଆପଡ଼ା, ୧୪।୩(ସମିସ)**

ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ନୂଆପଡ଼ା ଅଭିଯାନ ଲକ୍ଷ୍ୟରେ ଶନିବାର ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ 'ଗାଁ ପରିମଳ ଗାଁ ମୁଣ୍ଡରୁ' ଥିମରେ ସମଗ୍ର ଜିଲ୍ଲା ଯୋଡି ହୋଇ ମେଗା ସଫେଇ ଅଭିଯାନ ଆୟୋଜିତ ହୋଇଛି। ଗୋଟିଏ ଦିନରେ ଜିଲ୍ଲାର ୫ବ୍ଲକ, ୩ଟି ବିଜ୍ଞାପିତ ଅଞ୍ଚଳ ପରିଷଦରେ ଏକ କାଳୀନ ସଫେଇ କରାଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନେତୃତ୍ୱରେ ପଞ୍ଚାୟତ, ବ୍ଲକ ପ୍ରଶାସନ, ଏନ୍ ଏସି, ସ୍ୱଚ୍ଛତା ଦଳ, ପରିମଳ କର୍ମୀ, ଯୁବ କ୍ଲବ ଓ ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ କରାଯାଇଛି। ଜିଲ୍ଲା ପ୍ରଶାସନର ପ୍ରଚେଷ୍ଟାରେ ଆୟୋଜିତ ଅଭିଯାନରେ ସରକାରୀ ଅଧିକାରୀ, ଜନ ପ୍ରତିନିଧି, ପଞ୍ଚାୟତ ପ୍ରତିନିଧି, ସ୍କୁଲ ଛାତ୍ରଛାତ୍ରୀ, ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଓ ସାଧାରଣ ନାଗରିକମାନଙ୍କ ବ୍ୟାପକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏଠାରେ ଥିମ୍ ଥିଲା 'ୱାର୍ଡ଼ ପରିମଳ ୱାର୍ଡ ମୁଣ୍ଡରୁ' ଅଭିଯାନ ସମୟରେ ଜିଲ୍ଲାର ପ୍ରାୟ ୨୦୦୦ ଆବର୍ଜନା ପ୍ରବଣ ସ୍ଥାନ (ଏଠଚ) ସଫା କରାଯାଇଥିବା ବେଳେ ୨୫ଟନ୍‌ରୁ ଅଧିକ ପ୍ଲାଷ୍ଟିକ ଅଳିଆ ସଂଗ୍ରହ କରାଯାଇ ପୁନଃଚକ୍ରୀକରଣ ପାଇଁ ପଠାଯାଇଛି। ଏକ ହଜାରରୁ ଅଧିକ ସ୍କୁଲ ଓ ୧୪୦୦ରୁ ଅଧିକ ଅଙ୍ଗନୱାଡି କେନ୍ଦ୍ରରେ ସଫାସୁତୁରା ଓ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ୩ଶହରୁ ଅଧିକ ସରକାରୀ କାର୍ଯ୍ୟାଳୟ ଓ ୩୦ରୁ ଅଧିକ ପର୍ଯ୍ୟଟନ ସ୍ଥଳୀରେ ମଧ୍ୟ ସଫାସୁତୁରା ଅଭିଯାନ ଚାଲିଥିଲା। ଏହି ପଦକ୍ଷେପ ମାଧ୍ୟମରେ ସ୍ୱଚ୍ଛତା ପ୍ରତି ସମାଜର ଦାୟିତ୍ୱବୋଧ ବୃଦ୍ଧି ପାଇବା ସହିତ ନୂଆପଡ଼ାକୁ ଏକ 'ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା'ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ପ୍ରଶାସନ ପ୍ରତିବଦ୍ଧ ରହିଛି ବୋଲି ଜିଲ୍ଲାପାଳ କହିଛନ୍ତି।

# ବନାଗ୍ନି ନିରାକରଣ ଓ ସଚେତନତା ଶିବିର

**ଗୋଲାମୁଣ୍ଡା, ୧୪।୩(ସମିସ):** କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧିନରେ ଥିବା କେଗାଁ ବନାଞ୍ଚଲ୍ ତରଫରୁ କମଳାବାରି ବନ ସୁରକ୍ଷା ସମିତି ପକ୍ଷରୁ ବନାଞ୍ଚଳ ସ୍ତରୀୟ ବନାଗ୍ନୀ ନିରାକରଣ ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ରେ କେଗାଁ ବନାଞ୍ଚଳ ଅଧିକାରୀ ଯୁଧିଷ୍ଠିର ଜାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଥିବା ସମସ୍ତ ଜନସାଧାରଣଙ୍କୁ ଜଙ୍ଗଲ କୁ ନିଆଁ ଦାଉରୁ ରକ୍ଷା କରିବା, ପ୍ଲାଣ୍ଟେସନ ମଧ୍ୟରେ ନିଆଁ ନ ଲଗାଇବା, ଗଛ ନ କାଟିବା, ଜଙ୍ଗଲ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, ମୃତ୍ତିକା ସଂରକ୍ଷଣ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ। ଜଙ୍ଗଲ ପୋଡିବା ଦ୍?ାରା ଗଛଲତା ନଷ୍ଟ ହେବା ସଙ୍ଗେ ଜୀବଜନ୍ତୁ ଗୁଡିକ ପୋଡିଯିବା ସମ୍ଭାବନା ରହୁଛି। ଏପଟେ ଜଳବାୟୁ ପରିବର୍ତ୍ତନ ଦେଖାଦେଉଛି ଯାହା ଫଳରେ ଅନେକ ମରୁଡ଼ିର ସମ୍ମୁଖୀନ ହେଉଛନ୍ତି ଚାଷୀକୁଳ। ଏ ନେଇ ନିଆଁ ଦାଉରୁ ଜଙ୍ଗଲ ରକ୍ଷା କରିବା ପାଇଁ ଗାଁ ଗାଁରେ ସଚେତନତା ସଭା ମଧ୍ୟ କରାଯାଉ ଥିବା ଦେଖିବାକୁ ମିଳୁଛି।। ଉକ୍ତ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ବିଭାଗ, ପୁଲିସ ବିଭାଗ ଦସପୁର, ସମାଜ ସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ବନ ବିଭାଗ ପକ୍ଷରୁ ରମେଶ କୁମାର ପଣ୍ଡା, ମଧୁକର ପଟେଲ, ପ୍ରଦୀପ କୁମାର ବିଶି, ରମେଶ ବାଗ, ପାରିଜାତ ବାଗ, କ୍ଷୀରୋଦ ସେଠୀ, ସମସ୍ତ ବନରକ୍ଷୀ, , ଓ ବନସୁରକ୍ଷା ସମତି ସଭାପତି ତଥା ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ସହଯୋଗୀ ସଂସ୍ଥା ଗ୍ରାମ୍ୟ ବିକାଶ ସଂଗଠନ ଦଳପତି ବିକାଶ କୁମାର ତାଣ୍ଡି ମଞ୍ଚ ପରିଚାଳନା କରିଥିବା ବେଳେ ରୋମାନଞ୍ଚଲ୍ ବାଗ, ମହେଶ କୁମାର ମିଶ୍ର, ଯୋଗଦେଇ ସହଯୋଗ କରିଥିଲେ।



# କୋର୍ଟ ସମ୍ମୁଖରେ ଦମ୍ପତିଙ୍କ ଆତ୍ମହତ୍ୟା ଉଦ୍ୟମ



**ନୂଆପଡ଼ା, ୧୪।୩(ସମିସ)**

ଶନିବାର ଦିନ ନୂଆପଡ଼ା ଜିଲ୍ଲା ଦୌରାଜଜଙ୍କ କୋର୍ଟ ସମ୍ମୁଖରେ ଖଡିଆଳ ଥାନା ଡୁଆଝରଗାଁର ଏକ ଦମ୍ପତି ନିଜ ଦୁଇ ଶିଶୁପୁତ୍ର ସହ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ସମୟରେ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ନୂଆପଡ଼ା ଥାନା ପୁଲିସ ଆସି ଉଦ୍ଧାର କରିଥିଲା। ପ୍ରକାଶ ଯେ ଦାଶରଥୀ ମେହେର ନାମକ ଜନୈକ ବ୍ୟକ୍ତି ଏକ ବୋତଲରେ ପେଟ୍ରୋଲ ଧରି କୋର୍ଟ ପରିସରରକୁ ପ୍ରବେଶ କରି ହଠାତ ତାଙ୍କର ସ୍ତ୍ରୀ ଏବଂ ଦୁଇ ଶିଶୁଦେହରେ ପକାଇ ଦେଇଥିଲେ। ସ୍ଥାନୀୟ ଲୋକେ ଦେଖିବା ପରେ ତୁରନ୍ତ ବାରଣ କରି ଛଡାଇଥିଲେ। କୋଳାହଳ ହେବାପରେ କୋର୍ଟ ପରିସର ଲୋକାରଣ୍ୟ ହୋଇଥିଲା। ଲୋକେ ପଚାରିବାରେ ତାଙ୍କୁ ନ୍ୟାୟ ମିଳୁନାହିଁ। ପୁଲିସ ଉପରୁ ଭରସା ତୁଟିଯାଉଛି ବୋଲି ଚିତ୍କାର କରିଥିଲେ। ତାଙ୍କୁ ଜଣେ ପଡୋଶୀ

## ଉଦ୍ଧାର କଲା ନୂଆପଡ଼ା ଥାନା ପୁଲିସ

ବ୍ୟକ୍ତି ବାରମ୍ବାର ଆସି ମାର୍‌ପିଟ କରିବା ସହ ଗାଳିଗୁଲଜ କରି ଦୁର୍ବ୍ୟବହାର କରୁଛି। ଏହାକୁ ନେଇ ପୁଲିସର ଦ୍ୱାରସ୍ଥ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଶେଷରେ ଜୀବନ ହାରିବାକୁ ଆସିଛନ୍ତି ବୋଲି କହିଥିଲେ। ପରେ ସ୍ଥାନୀୟ ଥାନାଧିକାରୀ ଗଙ୍ଗାଧର ମେହେର ଖବର ପାଇଁ ସଦଳବଳେ ଆସି ଉଦ୍ଧାର କରି ନେଇଥିଲେ। ବହୁ ବୁଝାସୁଝା କରିବାପରେ ଖଡିଆଳ ଥାନାକୁ ହସ୍ତାନ୍ତର କରିଥିଲେ। ଏହାକୁ ନେଇ ଖଡିଆଳ ଥାନାଧିକାରୀ ସୁମନ୍ତ କୁମାର ନାଏକଙ୍କୁ ପଚାରିବାରେ ଏହି ପରିବାରର ବର୍ତ୍ତମାନ କୌଣସି ଅଭିଯୋଗ ହସ୍ତଗତ ହୋଇନାହିଁ। ଗତ ୨୦୨୪ ମସିହାରେ କେଶ ନମ୍ବର ୫୭/୨୪ରେ ମାମଲା ରୁଜୁ ହୋଇଥିଲା।ତାଙ୍କର ଜଣେ ପଡୋଶୀଙ୍କ ନାଁରେ ମାମଲା ହୋଇଥିଲା। ତାକୁ ନେଇ କୋର୍ଟ ଚାଲାଣ ମଧ୍ୟ କରାଯାଇଥିଲାବୋଲି କହିଛନ୍ତି। ଏସପି ଅମ୍ରିତପାଲ ସିଂଙ୍କୁ ପଚାରିବାରେ ଏହା ଉପରେ ସେ ମଧ୍ୟ ସବିଶେଷ ତଦନ୍ତ କରିବେ ବୋଲି ଆମ ପ୍ରତିନିଧିଙ୍କୁ କହିଛନ୍ତି।

# ଛୁରାମାଡ଼ରେ ଯୁବକ ଗୁରୁତର; ଅଭିଯୁକ୍ତ ଗିରଫ

**ସିନାପାଲି, ୧୪।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ନଦୀଗାଁର ଜଣେ ଯୁବକଙ୍କୁ ଛୁରାମାଡ଼ କରିଥିବା ଆକ୍ରମଣକାରୀକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।ଗୁରୁତର ଯୁବକ ଜଣକ ନଦୀଗାଁନିବାସୀ ଗୁଣଧର ଗହିର (୩୫) ହୋଇଥିବା ବେଳେ ଅଭିଯୁକ୍ତ ଜଣକ ଭରୁଆମୁଣ୍ଡାନିବାସୀ ନିରାକାର ମାଝି ବୋଲି ଜଣାପଡ଼ିଛି।



ପ୍ରାପ୍ତ ଖବର ଅନୁସାରେ ଉଭୟଙ୍କ ମଧ୍ୟରେ କୌଣସି ବାବଦକୁ ନେଇ ଟଙ୍କା ଦିଆନିଆ ବିବାଦ ଲାଗି ରହିଥିଲା। ଏନେଇ ଅଭିଯୁକ୍ତ ଜଣକ ନଦୀଗାଁ ନିବାସୀ ଗୁଣଧର ଘରକୁ ଆସି ରାତିରେ ଜଗି ରହିଥିଲା। ଗୁଣଧର ପରିଶ୍ରା ପାଇଁ ବାହାରିଥିବା ବେଳେ ଅଭିଯୁକ୍ତ ଜଣକ ଛୁରାରେ ଆକ୍ରମଣ କରିଥିଲା। ଆକ୍ରମଣ ପରେ ଅଭିଯୁକ୍ତ ଫେରାର ହୋଇ ଯାଇଥିଲା। ଗୁଣଧର ଚିତ୍କାର କରିବାରୁ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ହେଲେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭବାନିପାଟଣା ହସପିଟାଲକୁ ସ୍ଥାନାନ୍ତରିତ କରିଥିଲେ। ଏନେଇ ପରିବାର ଲୋକେ ସିନାପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ଘଟଣା ର ତଦନ୍ତ ଆରମ୍ଭ କରିଥିଲା। ପରେ ସିନାପାଲି ପୁଲିସ ଭରୁଆମୁଣ୍ଡା ରେ ଚଢାଉ କରି ଅଭିଯୁକ୍ତକୁ ଗିରଫ କରିଥିଲା। ସିନାପାଲି ପୁଲିସ କେସ୍ ନମ୍ବର ୭୧/୨୦୨୬ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ୪୦ ଦାଦନ ଶ୍ରମିକଙ୍କୁ ଘରକୁ ପଠାଇଲା ତେଲେଙ୍ଗାନା

**କଣ୍ଟାବାଞ୍ଜି, ୧୪।୩(ସମିସ):** ବଲାଙ୍ଗୀର ଜିଲ୍ଲାର ୪୦ ଜଣ ଦାଦନ ଶ୍ରମିକ ତେଲେଙ୍ଗାନାରୁ ଘରକୁ ଫେରିଛନ୍ତି। ତେଲେଙ୍ଗାନା ସରକାର ତଥା ସେଠାକାର ପ୍ରଶାସନ ଏମାନଙ୍କୁ ଉଦ୍ଧାର କରିଥିଲା। ଏହାପରେ ସେମାନଙ୍କୁ ନିଜ ନିଜ ଘରକୁ ପଠାଇବାକୁ ଆବଶ୍ୟକ ବ୍ୟବସ୍ଥା କରିଥିଲା। ସେହି ଅନୁସାରେ ଶନିବାର ରାତି ୮ରେ ଏମାନେ ସେଠାରୁ ଆସି କଣ୍ଟାବାଞ୍ଜି ଷ୍ଟେସନରେ ଓହ୍ଲାଇଥିଲେ। ସେଠାରୁ ଆସିଥିବା ସରକାରୀ ଅଧିକାରୀମାନେ ବଲାଙ୍ଗୀର ଜିଲ୍ଲା ପ୍ରଶାସନକୁ ଏମାନଙ୍କୁ ହସ୍ତାନ୍ତର କରିଥିଲେ। ଏମାନଙ୍କ ଘର ବେଲପଡ଼ା ଥାନା ଅଧୀନ ଉମାବାଞ୍ଜି, ମାଲପଡ଼ା, ଡକରା ଏବଂ ମୁରିବାହଲ ଥାନା ସୁଗନାପଦର ଗାଁରେ। ବେଲପଡ଼ା ଥାନା ଅଧୀନ ଡକରା ଗାଁର ଦାଦନ ସର୍ଦ୍ଦାର ରାଜେନ୍ଦ୍ର କୁମାରଠାରୁ ଅଗ୍ରୀମ ଟଙ୍କା ନେଇ ଏମାନେ ତେଲେଙ୍ଗାନା ଯାଇଥିଲେ। ସେଠାର ପେଦାପଲି ଜିଲ୍ଲା ଧରମରାମ ଥାନା ଅଞ୍ଚଳରେ ଥିବା ଦେଶାଇ ନାଏକଙ୍କ ସାଏ ମାର୍କ ଇଟାଭାଟିରେ ଏମାନେ କାମ କରୁଥିଲେ। ସେଠାରେ ଏମାନଙ୍କୁ ଅଧିକ ସମୟ ଧରି ଇଟାଭାଟି ମାଲିକ କାମ କରାଉ ଥିଲେ। କେବଳ ଅଧିକ ସମୟ କାମ କରାଯାଉ ନ ଥିଲେ; ବରଂ ମାଡ଼ ମାରିବା ସହ ଅକଥନୀୟ ନିର୍ଯାତନା ଦେଉଥିଲେ। ଏମାନଙ୍କୁ ପିଇବାକୁ ପର୍ଯ୍ୟାପ୍ତ ପାଣି ମଧ୍ୟ ମିଳୁ ନ ଥିଲା। ଏନେଇ ଏହି ଶ୍ରମିକମାନେ ତେଲେଙ୍ଗାନା ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ। ଏହାପରେ ସେଠାରୁ ୧୩ ଜଣ ମହିଳା, ୧୭ ଜଣ ପୁରୁଷ ଓ ୧୦ ଜଣ ଶିଶୁ ଶ୍ରମିକଙ୍କୁ ସେଠିକାର ପ୍ରଶାସନ ଉଦ୍ଧାର କରିଥିଲା। ତେଲେଙ୍ଗାନା ସରକାରଙ୍କ ଶ୍ରମ ବିଭାଗ, ରାଜସ୍ୱ ବିଭାଗ ଓ ପୁଲିସ ମିଳିତ ଟିମ୍ ଏମାନଙ୍କୁ ଆଣି କଣ୍ଟାବାଞ୍ଜି ଷ୍ଟେସନରେ ପହଞ୍ଚିଥିଲେ। ବଲାଙ୍ଗୀର ଜିଲ୍ଲା ପ୍ରଶାସନ ପକ୍ଷରୁ କଣ୍ଟାବାଞ୍ଜି ତହସିଲ କର୍ତ୍ତୃପକ୍ଷଙ୍କ ସହ ତୁରେକେଲା ବ୍ଲକ ଶ୍ରମ ବିଭାଗ ଅଧିକାରୀଙ୍କୁ ଏହି ଶ୍ରମିକମାନଙ୍କୁ ସେମାନେ ହସ୍ତାନ୍ତର କରିଛନ୍ତି। ଅନ୍ୟପକ୍ଷେ ଯେଉଁ ଦାଦନ ସର୍ଦ୍ଦାର ଜଣକ ଏହି ଶ୍ରମିକମାନଙ୍କୁ ବେଆଇନ ଭାବେ ଚାଲାଣ କରିଥିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରମ ଅଧିକାରୀ କହିଛନ୍ତି।



## ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ଅଭିଯାନ

# ସିନାପାଲି ବ୍ଲକ୍ ଅଞ୍ଚଳରେ ସଫେଇ



**ସିନାପାଲି, ୧୪।୩(ସମିସ):** ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ନୂଆପଡ଼ା ଅଭିଯାନଲକ୍ଷ୍ୟରେ ଶନିବାର ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ 'ଗାଁ ପରିମଳ ଗାଁ ମୁଣ୍ଡରୁ'ଥିମ୍‌ରେ ସମଗ୍ର ଜିଲ୍ଲା ଯୋଡ଼ି ହୋଇ ମେଗା ସଫେଇ ଅଭିଯାନ ସିନାପାଲି ବ୍ଲକ ଅଞ୍ଚଳରେ ହୋଇଥିଲା।ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନେତୃତ୍ୱରେ ପଞ୍ଚାୟତ, ବ୍ଲକ ପ୍ରଶାସନ, ସ୍ୱଚ୍ଛତା ଦଳ, ପରିମଳ କର୍ମୀ, ଯୁବ କ୍ଲବ୍ ଓ ସ୍ୱେଚ୍ଛାସେବୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।ଜିଲ୍ଲା ପ୍ରଶାସନର ପ୍ରଚେଷ୍ଟାରେ ଆୟୋଜିତ ଅଭିଯାନରେ ସରକାରୀ ଅଧିକାରୀ, ଜନପ୍ରତିନିଧି, ପଞ୍ଚାୟତ ପ୍ରତିନିଧି, ସ୍କୁଲ ଛାତ୍ରଛାତ୍ରୀ, ମିଶନଶକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଓ ସାଧାରଣ ନାଗରିକମାନଙ୍କର ବ୍ୟାପକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ବିଶାଳ ସଫେଇ ଅଭିଯାନ ପାଇଁ ଜିଲ୍ଲାପାଳ ସମସ୍ତ ଜିଲ୍ଲାବାସୀ ଓ ଅଧିକାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଦୀନଦୟାଲ ଉପାଧ୍ୟାୟଙ୍କ ଦର୍ଶନର ସମକାଳୀନ ପ୍ରାସଙ୍ଗିକତା ଉପରେ ସେମିନାର

**ଭବାନୀପାଟଣା, ୧୪।୩ (ସମିସ):** ନୂଆଦିଲ୍ଲୀର କନ୍‌ଷ୍ଟିଚୁସନ କ୍ଲବ୍ ଅଫ୍ ଇଣ୍ଡିଆର ଡିପୁଟି ଚେୟାରମ୍ୟାନ ହଲ୍‌ରେ 'ସାମ୍ପ୍ରତିକ ସାମାଜିକ ଓ ରାଜନୈତିକ ପରିପ୍ରେକ୍ଷୀରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଦର୍ଶନର ପ୍ରାସଙ୍ଗିକତା' ବିଷୟରେ ଗୁରୁତ୍ୱପୂର୍ଣ୍ଣ ସେମିନାର ଓ ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷାୟନ ପବ୍ଲିଶର୍ସ ଏଣ୍ଡ ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାର୍ଲିଆମେଣ୍ଟ ସଚିବ ଓ କମଳ ସନ୍ଦେଶ ପତ୍ରିକାର ସମ୍ପାଦକ ଶିବଶକ୍ତି ନାଥ ବକ୍ସି ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ସେ ନିଜ ଉଦ୍‌ବୋଧନରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଏକାଧ ମାନବବାଦକୁ ଭାରତୀୟ ଜୀବନ-ଦର୍ଶନର ଏକ ଗୁରୁତ୍ୱପୂର୍ଣ୍ଣ ଭାବଧାରା ବୋଲି କହିବା ସହିତ ଏହା ବ୍ୟକ୍ତି, ସମାଜ ଓ ରାଷ୍ଟ୍ରର ସମତାଳ ଉନ୍ନତିର ପଥ ପ୍ରଦର୍ଶନ କରେ ବୋଲି ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ମାଧବେନ୍ଦ୍ର ସିଂହ (ରାଷ୍ଟ୍ରୀୟ ସଂଗଠନ ପ୍ରଭାରୀ, ଅଭ୍ୟୁଦୟ ୟୁଥକ୍ଲବ୍) ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ନିଜ ବକ୍ତବ୍ୟରେ 'ଭାରତ' ଓ 'ଇଣ୍ଡିଆ' ମଧ୍ୟରେ ଥିବା ପାର୍ଥକ୍ୟକୁ ଉଲ୍ଲେଖ କରି ସମାଜର କିଛି ଗୁରୁତ୍ୱପୂର୍ଣ୍ଣ ସତ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ଅବଧେଶ କୁମାର ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଡ. ସୁନୀତି ମୁଣ୍ଡଙ୍କ ରଚିତ ଦୁଇଟି ପୁସ୍ତକର ଚିନ୍ତନଧାରା ଓ ସମକାଳୀନ ପ୍ରାସଙ୍ଗିକତାକୁ ଉଜାଗର କରିଥିଲେ। କାର୍ଯ୍ୟକ୍ରମରେ ଡ. ବିପିନ କୁମାର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେ ଉଦ୍‌ବୋଧନରେ କହିଥିଲେ ଯେ ଡ ମୁଣ୍ଡଙ୍କ ପୁସ୍ତକଗୁଡ଼ିକ ବର୍ତ୍ତମାନ ସମୟର ସାମାଜିକ ଓ ଚିନ୍ତନମୂଳକ ଆଲୋଚନାକୁ ନୂତନ ଦିଗ ଦେବାରେ ସମର୍ଥ। ଏହି ଅବସରରେ ଲେଖକ ଡ. ମୁଣ୍ଡଙ୍କ ପୁସ୍ତକ'ଲୋକ ସରୋକାର' ଓ 'ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ: ଜନନାୟକ'ର ଆନୁଷ୍ଠାନିକ ଲୋକାର୍ପଣ କରାଯାଇଥିଲା। ସେମିନାରରେ ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ, ସାମ୍ବାଦିକ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ବିକ୍ରମାଦିତ୍ୟ ସିଂହ'ଦୁଇଟି ପୁସ୍ତକ ଲୋକାର୍ପଣସେମିନାର-ଅଭିଯାନ'ଭଳି ଏହି ସଂଯୁକ୍ତ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରି ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମର ସଂଯୋଜନା କପିଲ ଭରଦ୍ୱାଜ (ଶିକ୍ଷାୟନ ପବ୍ଲିଶର୍ସ ଏଣ୍ଡ ଡିଷ୍ଟ୍ରିବ୍ୟୁଟର୍ସ) କରିଥିଲେ।ଶେଷରେ ବରିଷ୍ଠ ସୁପ୍ରିମକୋର୍ଟ ଆଇନଜୀବୀ ଭାରତ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ରାଷ୍ଟ୍ରଗୀତ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା। କାର୍ଯ୍ୟକ୍ରମର ସଞ୍ଚାଳନ ସ୍ୱୟଂସେବକ ରାଜୀବ ଲୋଚନ ଓଝା କରିଥିଲେ।



## ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୮୩୪ ମାମଲାର ଫଇସଲା

**ଭବାନୀପାଟଣା, ୧୪।୩(ସମିସ):** କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତରେ ଶନିବାର ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଅନୁପ ରଞ୍ଜନ ପଟ୍ଟନାୟକ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସ୍ନିଗ୍ଧା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ବିଭିନ୍ନ ଅଦାଲତରେ ୧୮୩୪ଟି ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୪ କୋଟି ୨ ଲକ୍ଷ ୫୪ ହଜାର ୨୬୯.୨୯ ଟଙ୍କା ପ୍ରଦାନ କରାଯାଇଥିଲା। ତନ୍ମଧ୍ୟରୁ ୨୬ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୨ କୋଟି ୩୮ ଲକ୍ଷ ୫୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ପାରିବାରିକ ବିବାଦ ଜନିତ ମକଦ୍ଦମା ୮ଟି ଫଇସଲା କରାଯାଇଥିଲା। ୨୮ଟି ଦେବାନି ମକଦ୍ଦମା ଫଇସଲା କରାଯାଇ ୭ ଲକ୍ଷ ୪୩ ହଜାର ୫୦୪ଟଙ୍କା ଆଦାୟ କରାଯାଇଥିଲା। ବିଚାର ଯୋଗ୍ୟ ୧୯୧ଟି ଫୌଜଦାରୀ ମକଦ୍ଦମା ଫଇସଲା କରାଯାଇ ୧୧ ହଜାର ୧୫୦ ଟଙ୍କା ଆଦାୟ କରାଯାଇଥିଲା। ଏହାସହ ଏନ୍‌ଆଇ ଆକ୍ଟ ମାମଲା(୧୩୮) ୧୫ଟି ଫଇସଲା କରାଯାଇ ୬୫ ଲକ୍ଷ ୧୧ହଜାର ୫୬୭ଟଙ୍କା ଆଦାୟ କରାଯାଇଥିଲା। ରାଜସ୍ୱ ମକଦ୍ଦମା ୧୧୧୯ଟି ଫଇସଲା କରାଯାଇ୨ ଲକ୍ଷ ୧ ହଜାର ୭୩୪ଟଙ୍କାଆଦାୟକାରାଯାଇଥିଲା।୪୪୬ଟି ପ୍ରାକ୍ ମକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୧ କୋଟି ୯ ଲକ୍ଷ ୨୨ ହଜାର ୩୧୪.୨୯ ଟଙ୍କା ଆଦାୟ କରାଯାଇଥିଲା। ଏହାସହ ଖାଉଟି ଅଦାଲତରେ ଗୋଟିଏ ମକଦ୍ଦମା ଫଇସଲା କରାଯାଇଥିଲା। ଏହି ଲୋକ ଅଦାଲତରେ ଜିଲ୍ଲାଜଜ୍ ତଥା ସଦସ୍ୟ ପ୍ରଥମ ମୋଟର ଯାନ ଦୁର୍ଘଟଣା ନ୍ୟାୟାଧୀକାରୀ ଅନୁପ ରଞ୍ଜନ ପଟ୍ଟନାୟକ, ପରିବାର ଅଦାଲତ ଜଜ୍, ରାଜଶ୍ରୀ ମହାପାତ୍ର, ବରିଷ୍ଠ ଦେବାନୀ ଜଜ୍ ସୁଦିପ୍ତା ଦେହୁରି, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସ୍ନିଗ୍ଧା ପଣ୍ଡା ସମେତ ଅନ୍ୟାନ୍ୟ ମାଜିଷ୍ଟ୍ରେଟ୍ର ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ।ଲୋକ ଅଦାଲତରେ ଆଡହକ ଅତିରିକ୍ତ ଜିଲା ଜଜ୍ (ଏଫଟିଏସସି) ଓ ରେଜିଷ୍ଟ୍ରାର ସିଭିଲ କୋର୍ଟ ପ୍ରମୁଖ ଉପସ୍ଥିତ ଥିଲେ।




# ୭କେଜି ଗଞ୍ଜେଇ ଜବତ, ୩ ଗିରଫ



**ଭବାନୀପାଟଣା, ୧୪।୩(ସମିସ):** ଚୋରା ଗଞ୍ଜେଇ କାରବାର ଘଟଣାରେ ଆଜି ଧର୍ମଗଡ଼ ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଓ ସହକାରୀ ଅଧୀକ୍ଷକ ସାଗରିକା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଧର୍ମଗଡ଼ ସହରର ବସ୍ତି ପଡ଼ାରେ ଚଢାଉ କରାଯାଇ ଗୁଣନିଧି ନାଏକଙ୍କ ଠାରୁ ୩କେଜି ଗଞ୍ଜେଇ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ସେହିପରି କୋକସରା ଥାନା ଅଧିନସ୍ଥ ପଲସାପଡ଼ା ଠାରେ ଚଢାଉ କରାଯାଇ ଭୁବନେଶ୍ୱର ମେହେର ଓ ଅରକ୍ଷିତ ମେହେରଙ୍କ ଠାରୁ ମୋଟ ୪କେଜି ୪୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଥିଲା। ଧର୍ମଗଡ଼ ଅବକାରୀ ଥାନାରେ ଏନେଇ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।ଚଢାଉରେ ଧର୍ମଗଡ଼ ଅବକାରୀ ନିରୀକ୍ଷକ ଅରୁଣ କୁମାର ଯୋଶୀ, ଧର୍ମଗଡ଼ ଓଆଇସି ପ୍ରତିମା ବେହେରା, ଜୁନାଗଡ଼ ଓଆଇସି ଲକ୍ଷ୍ମୀ ପ୍ରିୟା ମଲ୍ଲିକ, ଜୟପାଟଣା ଓଆଇସି ସୁରେଶ ଭୋଇ, କୋକସରା ଓଆଇସି ଗୁପ୍ତେଶ୍ୱର ପଟେଲ ଓ ଅନ୍ୟମାନେ ସାମିଲ ଥିଲେ।

# ଲଭ୍ ଡେଲ୍ ସ୍କୁଲର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୧୪।୩(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଲଭ୍ ଡେଲ୍ ସ୍କୁଲର ବାର୍ଷିକ ଉତ୍ସବ ଟାଉନ୍ ହଲ୍‌ରେ ଅନୁଷ୍ଠିତ ହୋଇଛି। ମିନାକ୍ଷୀ ଫାଉଣ୍ଡେସନର ଅଧକ୍ଷ ସତ୍ୟନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଶିକ୍ଷାବିତ୍ ତଥା ନାଟ୍ୟକାର ଡ଼ ଉମେଶ ଚନ୍ଦ୍ର ଶତପଥୀ ମୁଖ୍ୟବକ୍ତା ଏବଂ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷା ସ୍ୱର୍ଣ୍ଣଲତା ମହାନ୍ତି ଓ ମିନାକ୍ଷୀ ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶିକା ଅନ୍ୱେଷା ପି ଶର୍ମା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସ୍କୁଲର ପ୍ରିନ୍ସିପଲ୍ ଏଲିନା ପତି ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ପୁରାତନ ଛାତ୍ରୀ ସୌମ୍ୟା ସୁଚରିତା ରାୟଗୁରୁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କଳା ସ୍ନାତକରେ ଟପର୍ ଓ ସୋସିଓଲୋଜି ସ୍ନାତକୋତ୍ତର ଟପ୍ପର ଏବଂ ପୁରାତନ ଛାତ୍ର ଆର୍ଯ୍ୟାନ୍ ପଣ୍ଡା ବ୍ୟାଡମିଣ୍ଟନରେ ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସେହିପରି ବାର୍ଷିକ କ୍ରୀଡା ଓ ବାର୍ଷିକ ଉତ୍ସବରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବରେ ପ୍ରଜ୍ଞା ପରମିତା ରାୟଗୁରୁଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଜ୍ଞା ପରମିତା ରାୟଗୁରୁ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସ୍କୁଲର ଶିକ୍ଷୟିତ୍ରୀ ସସ୍ମିତା ନାୟକ, ଦିପାଞ୍ଜଳି ସାହୁ, ଶ୍ରୀୟାଶ୍ରୀ ପଟ୍ଟନାୟକ, ମାମୁନି ପଣ୍ଡା ଓ ସମସ୍ତ କର୍ମଚାରୀ ବାର୍ଷିକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।




## ■ ଶିକ୍ଷକ ଅଭାବରେ ବିରିକୋଟ ସ୍କୁଲରେ ପରୀକ୍ଷା ବର୍ଜନ

# ଆନ୍ଦୋଳନ ପରେ ଦୁଇ ଶିକ୍ଷକ ନିଯୁକ୍ତ

**ଥୁଆମୂଳରାମପୁର, ୧୪।୩(ସମିସ)**

କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ବିରିକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା ବର୍ଜନ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇପଡ଼ିଛି। ଏହି ଘଟଣା ପ୍ରସାରଣ ହେବା ପରେ ସମସ୍ୟାର ସମାଧାନ ପାଇଁ ବ୍ଲକ ଶିକ୍ଷା ବିଭାଗକୁ ପ୍ରାୟ ଚାରି ଦିନ ସମୟ ଲାଗିଥିବା ଜଣାପଡ଼ିଛି।ସୂଚନା ଅନୁସାରେ, ଗତ ୧୦ ତାରିଖରୁ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା ଆରମ୍ଭ ହେବାକୁ ଥିଲା। କିନ୍ତୁ ପାଠ୍ୟପୁସ୍ତକର ଅନେକ ଅଧ୍ୟାୟ ପଢ଼ାଯାଇନଥିବା ଅଭିଯୋଗ କରି ଛାତ୍ରଛାତ୍ରୀମାନେ ପରୀକ୍ଷା ବର୍ଜନ କରିଥିଲେ। ଶିକ୍ଷକ ଅଭାବ ଯୋଗୁଁ ସମୟରେ ପାଠପଢ଼ା ସମ୍ପୂର୍ଣ୍ଣ ହୋଇନଥିବାରୁ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଉଛି।ଏହା ପରେ ପ୍ରାୟ ପାଞ୍ଚ ଦିନ ଧରି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଉନଥିବା ସୂଚନା ମିଳିଛି। ଘଟଣାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେମାନଙ୍କ କହିବା ଅନୁସାରେ, ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୧୫ ଜଣ ଛାତ୍ରଛାତ୍ରୀ ଥିବାବେଳେ ମାତ୍ର ଦୁଇ ଜଣ ଶିକ୍ଷକ ରହିଥିଲେ। ଫଳରେ ସଠିକ ଭାବେ ପାଠପଢ଼ା ହୋଇପାରୁନଥିଲା। ଏନେଇ ପୂର୍ବରୁ ଅନେକଥର ଶିକ୍ଷା ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପ୍ରଭାବଶାଳୀ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଭିଭାବକମାନେ ନିଜ ସନ୍ତାନଙ୍କ ଭବିଷ୍ୟତ ଉପରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଏହି ଘଟଣା ନେଇ ଗଣମାଧ୍ୟମରେ ପ୍ରକାଶିତ ହେବାର ୪ଦିନ ପରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଭାରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହେମନ୍ତ ଦୁଇ ଜଣ ଶିକ୍ଷକଙ୍କୁ ସହିତ ବିଦ୍ୟାଳୟକୁ ପହଞ୍ଚିଥିଲେ। ତଥାପି ଗ୍ରାମବାସୀ ଅସ୍ଥାୟୀ ବ୍ୟବସ୍ଥା ପରିବର୍ତ୍ତେ ନିୟମିତ ଶିକ୍ଷକ ନିଯୁକ୍ତ କରିବାକୁ ଦାବି କରିଥିଲେ। ପରେ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟିର ଉପସ୍ଥିତିରେ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଓ ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଶିକ୍ଷା ବିଭାଗ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ବର୍ତ୍ତମାନରୁ ବିଦ୍ୟାଳୟ ସାଧାରଣ ଭାବେ ଚାଲିବ ବୋଲି କୁହାଯାଇଛି ଏବଂ ଏଥିପାଇଁ ଗ୍ରାମବାସୀଙ୍କ ସହଯୋଗ ଆଶା କରାଯାଇଛି। ସ୍ଥାନୀୟ ଲୋକମାନେ ଆଶା କରୁଛନ୍ତି ଯେ, ଏହାପରେ ବିଦ୍ୟାଳୟରେ ପାଠପଢ଼ା ସ୍ୱାଭାବିକ ହେବ ଓ ଛାତ୍ରଛାତ୍ରୀମାନଙ୍କ ପରୀକ୍ଷା ସମସ୍ୟାର ସମାଧାନ ହେବ ବୋଲି ମତ ପ୍ରକାଶ କରିଥିଲେ।



